ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.140 Bhubaneswar Saturday, July 17, 2021 ୨୪ତମ ବର୍ଷ ସଂଖ୍ୟା-୧୪୦ ଭୁବନେଶ୍ୱର, ଶନିବାର, ଜୁଲାଇ ୧୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରାସାୟନିକ ଏବଂ ସାର ମନ୍ତ୍ରୀ ମାନସୁଖ ମାଣ୍ଡଭିଆ କୋଭିଡ୍-୧୯ରେ ହୁ ସହିତ ଏକ ବୈଠକରେ ଅଂଶଗ୍ରହଣ କରିଥିଲେ

## ମିଶନ ଶକ୍ତି ପାଇଁ ୪୫୩.୫୦ କୋଟି ଟଙ୍କାର କୋଭିଡ ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୭(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟ ମିଶନ ଶକ୍ତିର ମହିଳା ମାନଙ୍କ ପାଇଁ ୪୫୩.୫୦ କୋଟି ଟଙ୍କାର କୋଭିଡ ସହାୟତା ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ ରାଜ୍ୟର ୩୩୮ଟି ବ୍ଲକ୍ ସ୍ତରୀୟ ମିଶନ ଶକ୍ତି ମହାସଂଘର ନିଜସ୍ୱ ଘର ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏ ୧୬୯ କୋଟି ଟଙ୍କା ପ୍ରଦାନ କରାଯିବା ସହିତ ସେମାନଙ୍କୁ ବ୍ୟବସାୟରେ ସହାୟତା ପାଇଁ ୮୪.୫୦ କୋଟି ଟଙ୍କାର ଆବର୍ତନ ପାଣ୍ଠି (ରିଭୋଲଭିଂ ଫଣ୍ଡ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଋଣ ଉପରେ ସୁଧ ଫେରସ୍ତ ପାଇଁ ପାଇଁ ୨୦୦ କୋଟି ଟଙ୍କା ପ୍ରଦାନ କରାଯିବ।ଏହି ଅବସରରେ ଉଦ୍ ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମିଶନ ଶକ୍ତି ହେଉଛି, ଓଡିଶାର ୭୦ ଲକ୍ଷ ମା ମାନଙ୍କର ଏକ ବିରାଟ ଅନୁଷ୍ଠାନ। ଏହା ହେଉଛି ଓଡିଶାର ବିକାଶ ବାହିନୀ। ସେମାନଙ୍କ ଦକ୍ଷତା ଉପରେ ଆସ୍ଥାପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଲେ ଯେ 'ଆପଣମାନେ ଆଗକୁ ବଢନ୍ତୁ, ମୁଁ ଆପଣମାନଙ୍କ ସାଥିରେ ଅଛି।'କୋଭିଡ ସମୟରେ ମିଶନ ଶକ୍ତିର ମା ମାନେ ବହୁତ ଭଲ କାମ କରିଛନ୍ତି ବୋଲି କହି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇ କହିଲେ ଯେ ଆଜି ହେଉଛି ଏକ ଐତିହାସିକ ଦିବସ। ବ୍ଲକ୍ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଯେଉଁ ମିଶନ ଶକ୍ତି ଭବନ ଗଠନ ହେବ, ସେଥିରେ ମା ମାନେ ତାଲିମ ପାଇବେ, ଉତ୍ପାଦିତ ଦ୍ରବ୍ୟ ପାଇଁ ବିକ୍ରୟ କେନ୍ଦ୍ର ଖୋଲିପାରିବେ ଏବଂ ସେମାନଙ୍କ ନିଜସ୍ୱ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜୀବନଜୀବିକା ଠାରୁ ଆରମ୍ଭ କରି ବିଭିନ୍ନ ବିକାଶ କାମରେ ଆପଣମାନେ ସାମିଲ ହୋଇ ଭଲ କାମ କରିଛନ୍ତି। କାରାପୁଟର ବୋରିଗୁମା ଠାରୁ ଆରମ୍ଭ କରି କଟକର ନିଆଳୀ ପର୍ଯ୍ୟନ୍ତ, ଆମର ବ୍ଲକ୍ ସ୍ତରୀୟ ମହାସଂଘର ମା ମାନଙ୍କର କାମ ଦେଖି ଯେ କେହି ଗର୍ବ ଅନୁଭବ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ 'ମୋର ବିଶ୍ୱାସ, ଦିନେ ଆପଣମାନଙ୍କ ଭିତରୁ ବଡ ବଡ ଉଦ୍ୟୋଗୀ ବାହାରିବେ।'ମିଶନ ଶକ୍ତିର ମା ମାନଙ୍କୁ ରାଜ୍ୟ ସରକାର ବିନା ସୁଧରେ ଋଣ ଦେଉଛନ୍ତି। ଗତ ବର୍ଷ ସୁଧ ରିହାତି ଭାବରେ ରାଜ୍ୟ ସରକାର ୧୨୫ କୋଟି ଟଙ୍କା ଦେଇଥିବା ବେଳେ, ଏବର୍ଷ ଏହାକୁ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳା ଶିଶୁବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଥିଲେ ଯେ ଯେ କୌଣସି ବ୍ୟବସାୟ ପାଇଁ ପୁଞ୍ଜି ଯୋଗାଣ ସଞ୍ଜୀବନୀ ପରି କାର୍ଯ୍ୟ କରେ। ମହିଳା ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଆବର୍ତନ ପାଣ୍ଠି କରିଛନ୍ତି, ତାହା ମିଶନ ଶକ୍ତିକୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମିଶନ ଶକ୍ତି ମା ମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିଛି ବୋଲି ସେମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ୍, କବିସୂର୍ଯ୍ୟନଗର ବିଧାୟିକା ଶ୍ରୀମତୀ ଲତିକା ପ୍ରଧାନ ଏବଂ ମିଶନ ଶକ୍ତିର ଉପଦେଷ୍ଟା ଡଃ ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ସେମାନଙ୍କର ମତାମତ ରଖି କହିଥିଲେ ଯେ ମିଶନ ଶକ୍ତି ଆଜି ମା ମାନଙ୍କ ସାମାଜିକ ଅର୍ଥନୈତିକ ପରିବର୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଭଳି ଏକ ନୀରବ ବିପ୍ଳବ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସଂପର୍ଣ୍ଣ ନେତୃତ୍ୱରେ ସେମାନେ ଉଚ୍ଚପ୍ରଶଂସା କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମିଶନ ଶକ୍ତି ମହାସଂଘର ମହିଳାମାନେ ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରି ଏହି ସ୍ୱତନ୍ତ୍ର ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆମେ ସମସ୍ତେ ଆଜି ନିଜର ପରିଚୟ ପାଇପାରିଛୁ । ମୁଖ୍ୟମନ୍ତ୍ରୀ ଆମ ମାନଙ୍କ ପାଖରେ, ଆମ ସୁଖଦୁଃଖରେ ସବୁବେଳେ ଠିଆ ହୋଇଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆମେ କୃତଜ୍ଞ। ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ।ଏହି ଅବସରରେ ବ୍ରହ୍ମପୁର, ଢେଙ୍କାନାଳ ଓ ବାରିପଦାର ୩ଟି ସ୍ୱୟ ସହାୟକ ଗୋଷ୍ଠୀ ମାନଙ୍କୁ ଆଚାର ବ୍ୟବସାୟ ପାଇଁ ଏଚଡିଏଫସି ବ୍ୟାଙ୍କ୍ ତରଫରୁ ଏକକାଳୀନ ୪୭ ଲକ୍ଷ ଟଙ୍କାର ଋଣ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ସେମାନଙ୍କ ଦ୍ୱାରା ଉତ୍ପାଦିତ ୧୨୦ ମେଟ୍ରିକ ଟନ୍ ଆଚାର ମିଶନ ଶକ୍ତି ଦ୍ୱାରା ପରିଚାଳିତ ରାଜ୍ୟର ୧୭୭ଟି ଆହାର କେନ୍ଦ୍ରରେ ବ୍ୟବହାର ହେଉଛି ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ । ମିଶନ ଶକ୍ତିର କମିଶନର ତଥା ସଚିବ ଶ୍ରୀମତୀ ସୁଜାତା କାର୍ତିକେୟ କହିଲେ ଯେ ଗୋଟିଏ ଯୋଜନାକୁ ଏକ ସ୍ୱତନ୍ତ୍ର ବିଭାଗ ଭାବରେ କାର୍ଯ୍ୟକାରୀ କରିବାରେ ଓଡିଶା ହେଉଛି ସାରା ଭାରତବର୍ଷରେ ଏକମାତ୍ର ରାଜ୍ୟ। ଏଥିରୁ ମହିଳା ମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କେତେ ଗୁରୁତ୍ୱ ଦେଉଛନ୍ତି, ତାହା ଅନୁମେୟ। ସୂଚନାଯୋଗ୍ୟ ଯେ ଗତ ଦୁଇ ବର୍ଷରେ ମିଶନ ଶକ୍ତିର ବିଭିନ୍ନ ସ୍ୱୟ ସହାୟକ ଗୋଷ୍ଠୀ ମାନଙ୍କ ଠାରୁ ୨୮୦୦ କୋଟି ଟଙ୍କାର ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରାଯାଇଛି । ସେ କହିଥିଲେ ଯେ ୨୦୨୧-୨୨ ବର୍ଷ ପାଇଁ ମିଶନ ଶକ୍ତିର ମା ମାନଙ୍କ ପାଇଁ ୬୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି ।ମିଶନ ଶକ୍ତିର ନିର୍ଦ୍ଦେଶିକା ଧନ୍ୟବାଦ ଅର୍ପଣ କରିଥିଲେ ।ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ପେକ୍ସ ସମ୍ପାଦକଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବଲାଙ୍ଗିର, ୧୬।୭(ପି.ଏନ): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ସାଲେପାଲି ପେକ୍ସ ସମ୍ପାଦକ ମସୁଦ ମହମ୍ମଦଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ତାଙ୍କର ବଲାଙ୍ଗିର, ସୋନପୁର ଏବଂ ସମ୍ବଲପୁର ସ୍ଥିତ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ ହୋଇଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

### ୧୧୫ କୋଟିର ଜିଏସଟି ଠକେଇ ଅଭିଯୋଗରେ ଦୁଇ ଗିରଫ

କଟକ, ୧୬।୭(ପି.ଏନ): ୧୧୫ କୋଟିର ଜିଏସଟି ଠକେଇ ଅଭିଯୋଗରେ ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି। ୧୬ଟି ଫେକ୍ କମ୍ପାନୀ କରି ଏମାନେ ଜିଏସଟି ଠକେଇ କରିଆସୁଥିବା ନେଇ ସୂଚନା ଦେଇଛନ୍ତି ଜିଏସଟି କମିଶନର ।

### ଶ୍ରୀକ୍ଷେତ୍ର ଲଜ୍ କୁ ସିଲ୍ କଲା ପ୍ରଶାସନ

ପୁରୀ, ୧୬।୭(ପି.ଏନ): ପୁରୀ ସହରର ବଳଗଣ୍ଡି ଛକରେ ଥିବା ଶ୍ରୀକ୍ଷେତ୍ର ଲଜ୍ କୁ ସିଲ୍ କରିଛି ପ୍ରଶାସନ । ରଥଯାତ୍ରା ଦିନ ପ୍ରଶାସନିକ ଏସଓପି ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ପ୍ରଶାସନ ପକ୍ଷରୁ ଲଜ୍ କୁ ସିଲ୍ କରାଯାଇଥିବା ଜଣାପଡିଛି ।

### ଗର୍ଭବତୀ ମହିଳାଙ୍କୁ ଟିକାଦାନ ଆରମ୍ଭ

ଭୁବନେଶ୍ୱର, ୧୬।୭(ପି.ଏନ): ରାଜ୍ୟରେ ଆଜି (ଶୁକ୍ରବାର) ଠାରୁ ଗର୍ଭବତୀ ମହିଳାଙ୍କୁ କରୋନା ଟିକାକରଣ ଆରମ୍ଭ ହୋଇଛି। କୋ-ୱିନ୍ ପୋର୍ଟାଲରେ ଏଥିପାଇଁ ସ୍ୱତନ୍ତ୍ର ଫିଚର ବ୍ୟବସ୍ଥା କରାଯାଇଛି। ତେବେ ପଞ୍ଜିକରଣ ନ କରି ମଧ୍ୟ ସିଧା ଟିକାକେନ୍ଦ୍ରକୁ ଆସି ଗର୍ଭବତୀ ମହିଳା ଟିକା ନେଇପାରିବେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ।ସେ କହିଛନ୍ତି ଯେ ଗର୍ଭବତୀ ମହିଳାମାନଙ୍କୁ ଟିକା କେନ୍ଦ୍ରକୁ ଆସି ଧାଡ଼ିରେ ଠିଆହେବାକୁ ପଡ଼ିବ ନାହିଁ। ସେମାନଙ୍କୁ ତୁରନ୍ତ ଟିକା ଦିଆଯିବ।

## ଗୋଟିଏ ଦିନରେ ୨୦୭୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୬।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୦୭୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୪୯୯୨୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୨୩୨୦୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୧୭୪୨ରହିଛି। ଆଜି ଚିହ୍ନଟ ହୋଇଥିବା ୨୦୭୦ ଜଣଙ୍କ ମଧ୍ୟରୁ ୧୧୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୭୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୭୬ ଜଣ, ବରଗଡ଼ରୁ ୧୫ ଜଣ, ଭଦ୍ରକରୁ ୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୧, କଟକରୁ ୩୧୯, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୪ ଜଣ, ଗଜପତି ଜିଲ୍ଲାରୁ ୬, ଗଞ୍ଜାମରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୭ ଜଣ, ଯାଜପୁରରୁ ୧୩୬ ଜଣ, ଝାରସୁଗୁଡ଼ାରୁ ୮ ଜଣ, କଳାହାଣ୍ଡିରୁ ୧୨ ଜଣ, କନ୍ଧମାଳ ଜିଲ୍ଲାରୁ ୧୨ ଜଣ. କେନ୍ଦ୍ରାପଡ଼ାରୁ ୭୭ ଜଣ, କେନ୍ଦୁଝରରୁ ୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୪୬ ଜଣ, କୋରାପୁଟରୁ ୨୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୮୧ ଜଣ, ନବରଙ୍ଗପୁରରୁ ୧୧ ଜଣ, ନୟାଗଡ଼ରୁ ୫୯ ଜଣ, ନୂଆପଡ଼ାରୁ ୦୭ ଜଣ, ପୁରୀରୁ ୧୧୦ ଜଣ, ରାୟଗଡ଼ାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୬୬ ଜଣ ଓ ଷ୍ଟେଟ୍ ପୁଲରୁ ୮୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାଜ୍ୟ ପାଇଁ ୯୫ ପ୍ରତିଶତ ଟିକା ଆବଂଟନ ଦାବି କଲେ ନବୀନ

ଭୁବନେଶ୍ୱର, ୧୬।୭(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପାଇଁ ୯୫ ପ୍ରତିଶତ ଟିକା ଆବଂଟନ କରିବାକୁ ଦାବି କରିଛନ୍ତି। ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ସମେତ ୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଟିକାକରଣ ପ୍ରସଙ୍ଗ ଉଠାଇ ଏହି ଦାବି କରିଥିଲେ ।ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେ ଟିକାକରଣରେ ଓଡିଶା ବହୁତ ଭଲ ପ୍ରଦର୍ଶନ କରୁଛି ଏବଂ ଆମର ଅପଚୟ ଦେଶରେ ସର୍ବନିମ୍ନ ରହିଛି। ଓଡ଼ିଶାରେ ଘରୋଇ ହସ୍ପିଟାଲ ସଂଖ୍ୟା ବହୁତ କମ୍ ଅଛି। ତେବେ ଘରୋଇ ହସ୍ପିଟାଲକୁ ୨୫ପ୍ରତିଶତ ଟିକା ଆବଂଟନ ବ୍ୟବସ୍ଥା ଥିବାରୁ ଓଡ଼ିଶା କୋଟା କମୁଛି। ଘରୋଇ ହସ୍ପିଟାଲକୁ ୫ପ୍ରତିଶତ ଟିକା ଦେଇ ୯୫ପ୍ରତିଶତ ରାଜ୍ୟ ସରକାରଙ୍କୁ ଦିଆଯାଉ। ଏହା ରାଜ୍ୟରେ ଟିକାକରଣକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ବୋଲି ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଦାବି କରିଛନ୍ତି ।କରୋନାର ତୃତୀୟ ଲହର ପିଲାଙ୍କ ଉପରେ ଅଧିକ ପ୍ରଭାବ ପକାଇବ ବୋଲି କୁହାଯାଉଥିବା ବେଳେ ୧୨-୧୮ ବର୍ଷର ପିଲାଙ୍କ ପାଇଁ ଟିକାକୁ ପ୍ରାଥମିକତା ଦିଆଯାଇ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯାଉ ବୋଲି ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ ।ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସ୍ଥିତି ନେଇ ପ୍ରଧାନମନ୍ତ୍ରୀ ମୋଦି ୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଓଡିଶା ସମେତ ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ , ମହାରାଷ୍ଟ୍ର ଏବଂ କେରଳ ମୁଖ୍ୟମନ୍ତ୍ରୀ ଏଥିରେ ସାମିଲ ହୋଇଥିଲେ।

## ୨୧ ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର, ୧୬।୭(ପି.ଏନ): ଆସନ୍ତା ୨୧ ତାରିଖ ସୁଦ୍ଧା ଉତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଅପରପକ୍ଷରେ ରାଜ୍ୟରେ ଆଗାମୀ ଦୁଇଦିନ କାଳବୈଶାଖୀ ସମ୍ଭାବନା ରହିଥିବା ବେଳେ ୧୮ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା , ଗଜପତି, ଗଞ୍ଜାମ, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ୯ଟି ଜିଲ୍ଲାକୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୭ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## କେନ୍ଦ୍ର ବିରୋଧରେ ବିଜେଡିର ପ୍ରତିବାଦ ଜୁଲାଇ ୨୦ରେ

ଭୁବନେଶ୍ୱର, ୧୬।୭(ପି.ଏନ): ଖାଦ୍ୟ ସବ୍‌ସିଡ୍ ବାବଦରେ ଦୀର୍ଘ ଦିନ ଧରି ବାକିଆ ଥିବା ୬୫୭୦ କୋଟି ଟଙ୍କା ପ୍ରଦାନ, ବଳକା ୭ ଲକ୍ଷ ମେଟ୍ରିକ ଟନ୍ ଚାଉଳକୁ କେନ୍ଦ୍ର ସରକାର ଉଠାଇବା ଓ ଖରିଫ ଧାନ ସଂଗ୍ରହ ସମୟ ଅବଧି ସେପ୍ଟେମ୍ବର ୩୦ ତାରିଖକୁ ବୃଦ୍ଧି କରିବା ଆଦି ଦାବି ନେଇ ବିଜେଡି ପକ୍ଷରୁ ଆସନ୍ତା ଜୁଲାଇ ୨୦ ତାରିଖରେ ଭାରତୀୟ ଖାଦ୍ୟ ନିଗମର ଦପ୍ତର ଓ ଗୋଦାମ ସମ୍ମୁଖରେ ପ୍ରତିବାଦ କରାଯିବ । ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ଦଳର ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଶ୍ରୀମୟୀ ମିଶ୍ର ଏହି ସୂଚନା ଦେଇଛନ୍ତି। ଉଭୟ ନେତ୍ରୀ ଆଜି କହିଛନ୍ତି ଯେ ସତ୍ୟ ଜାଣି ବି ଓଡିଶା ବିଜେପି ମିଥ୍ୟା ଓ ଭିତିହୀନ ବିବୃତି ଦେଇ ରାଜ୍ୟବାସୀଙ୍କୁ ଧାନ କିଣା ସଂକ୍ରାନ୍ତରେ ବିଭ୍ରାନ୍ତ କରିବାରେ ଲାଗିଛି। ଖାଦ୍ୟ ସବସିଡ ବାବଦରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ ଅର୍ଥ ପାଇବାକୁ ଥିବାବେଳେ ଭାରତ ସରକାର ବର୍ତମାନ ସୁଦ୍ଧା ତାହା ପ୍ରଦାନ କରୁନାହାନ୍ତି। ୨୦୨୦-୨୧ ଖରିଫ ଋତୁରେ ଓଡିଶା ସରକାର ଚାଷୀଙ୍କ ଠାରୁ ୪,୪୪୬ କୋଟି ଟଙ୍କାର ୭୭.୩୩ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି । ଭାରତ ସରକାର ଚଳିତ ଖରିଫ ଋତୁରେ ଖାଦ୍ୟ ସବ୍‌ସିଡ୍ ବାବଦରେ ୩୮୨୪ କୋଟି ଟଙ୍କା ପ୍ରଦାନ କରିଛନ୍ତି ଏବଂ ଭାରତୀୟ ଖାଦ୍ୟ ନିଗମ ୨୯୩୫ କୋଟି ଟଙ୍କା ପାଇଛି। ରାଜ୍ୟର ସବ୍‌ସିଡ ବାବଦରେ ୧୧୧୭ କୋଟି ଟଙ୍କାକୁ ବାଦ୍ ଦେଲେ ଅନାଦେୟ ବ୍ୟାଙ୍କ ଋଣ ବାବଦରେ ୬୫୭୦କୋଟି ଟଙ୍କା ବାକିଆ ପଡି ରହିଛି । ସେହିପରି ଓଡିଶା ନିକଟରେ ଥିବା ବଳକା ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳରୁ କେନ୍ଦ୍ର ସରକାର ମାତ୍ର ୧୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇଥିବାବେଳେ ଆଉ ୭ ଲକ୍ଷ ଚାଉଳ ବର୍ତମାନ ସୁଦ୍ଧା ପଡି ରହିଛି । ତୁରନ୍ତ ଏହି ବଳକା ୭ ଲକ୍ଷ ମେଟ୍ରିକ ଟନ୍ ଚାଉଳକୁ କେନ୍ଦ୍ର ସରକାର ଉଠାଇବା ପାଇଁ ବିଜେଡି ଦାବି କରିଛି । ଏହା ବ୍ୟତୀତ ବିଭିନ୍ନ କାରଣ ଯୋଗୁଁ ଖରିଫ ଧାନ ସଂଗ୍ରହ ସମୟ ଅବଧି ୩୦ ଜୁନ୍ ୨୦୨୧ରୁ ୩୦ ସେପ୍ଟେମ୍ବର ୨୦୨୧କୁ ବଢାଇବା ପାଇଁ ଓଡିଶା ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ଏହାକୁ ୩୧ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ବଢାଇଛନ୍ତି ।ଏହି ସଂଗ୍ରହ ସମୟସୀମାକୁ ସେପ୍ଟେମ୍ବର ୩୦ ତାରିଖକୁ ବୃଦ୍ଧି କରାଯାଉ। ଖରିଫ ଧାନ ସଂଗ୍ରହ ପାଇଁ ଟୋକନ ଅବଧି ୩୦ ଦିନ। ରବି ଧାନ ସଂଗ୍ରହ ପାଇଁ ଏହା ୧୫ ଦିନ । ରବି ଧାନ ସଂଗ୍ରହ ସୀମିତ ସମୟ ଦୁଇ ମାସ ପାଇଁ କରାଯାଏ ଏବଂ ଏହାର କାରଣ ହେଉଛି ଟୋକନ ବୈଧତା ଅବଧି ୧୫ ଦିନ ପାଇଁ ସୀମିତ । ଖରିଫ ଧାନ ସଂଗ୍ରହ ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ହେଉଥିବାବେଳେ ରବି ଧାନ ମଇରୁ ଜୁନ୍ ମଧ୍ୟରେ ହୋଇଥାଏ। ଧାନ ସଂଗ୍ରହ ପୂର୍ବରୁ ଭାରତ ସରକାର ଏହି ସମୟକୁ ଅନୁମୋଦନ କରିଥାନ୍ତି। ବିଗତ ଦୁଇବର୍ଷ ମଧ୍ୟରେ ୩.୮୩ ଲକ୍ଷ ନୂଆ ଚାଷୀ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ଯାହାକି ୩୮ ପ୍ରତିଶତ ଅଭିବୃଦ୍ଧି ଅଟେ । ସେହିଭଳି ଦୁଇ ବର୍ଷରେ ୧୮ ପ୍ରତିଶତ ଅଧିକ ପରିମାଣ ଧାନ ସଂଗ୍ରହ ହୋଇଛି ବୋଲି ବିଜେଡି ନେତ୍ରୀ କହିଛନ୍ତି । ବିଜେପି ନେତାମାନେ କୁମ୍ଭୀର କାନ୍ଦଣା ବନ୍ଦ କରି କେନ୍ଦ୍ର ସରକାର କିଭଳି ଓଡିଶାର ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରୁନାହାନ୍ତି ତାହାର ସତ୍ୟାସତ୍ୟ ଲୋକଙ୍କ ଆଗରେ ରଖନ୍ତୁ ।ଓଡିଶା ଚାଷୀଙ୍କ ପ୍ରତି ଏଭଳି ଅବହେଳା ପ୍ରତିବାଦରେ ବିଜେଡି ପକ୍ଷରୁ ଆସନ୍ତା ୨୦ ତାରିଖରେ ଭାରତୀୟ ଖାଦ୍ୟ ନିଗମର ଦପ୍ତର ଓ ଗୋଦାମ ସମ୍ମୁଖରେ ପ୍ରତିବାଦ କରାଯିବ। ଭାରତୀୟ ଖାଦ୍ୟ ନିଗମ ଧାନ କିଣା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହିତ କେନ୍ଦ୍ର ସରକାର ଓଡିଶାର ଦାବିଗୁଡିକୁ ତୁରନ୍ତ ମାନି ନେବାକୁ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତ୍ରୀଦ୍ୱୟ ଦାବି କରିଛନ୍ତି ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada





# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁଲାଇ ୧୭

# ମୌସୁମୀର ଲୁଚକାଳି

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଦେଶରେ ସ୍ୱାଭାବିକ ଠାରୁ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ବହୁ ପୂର୍ବରୁ ପୂର୍ବାନୁମାନ କରିଥିବାବେଳେ ଏବେ ମୌସୁମୀର ଲୁଚକାଳି ଖେଳ ଯୋଗୁଁ ଚାଷୀକୂଳ ଚିନ୍ତିତ ହୋଇଛନ୍ତି। ବର୍ଷା ଆମ ରାଜ୍ୟରେ ଚାଷୀମାନେ ସାଧାରଣତ ବର୍ଷା ଜଳ ଉପରେ ନିର୍ଭର କରୁଥିବାବେଳେ ଆଇଏମଡିର ବାରମ୍ବାର ଭବିଷ୍ୟବାଣୀ ସେମାନଙ୍କ ମନରେ ଖୁସିର ଲହର ଆଣିଦେଇଥିଲା ନିଶ୍ଚିତ। ମାତ୍ର ଏବେ ବର୍ଷା ଅଭାବ ଯୋଗୁଁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସାଧାରଣତଃ ଆମ ରାଜ୍ୟରେ ଜୁଲାଇ ମଧ୍ୟ ଭାଗ ବେଳକୁ ବେଉଷଣ କାର୍ଯ୍ୟ ଶେଷ ହୋଇଥାଏ। ମାତ୍ର ଚଳିତ ବର୍ଷ ବେଉଷଣ ଆରମ୍ଭ ହୋଇନଥିବା ଜଣାଯାଏ। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ନିର୍ଦ୍ଧାରିତ ସମୟର ୩ ଦିନ ବିଳମ୍ବରେ ମୌସୁମୀ ଦେଶରେ ପ୍ରବେଶ କରିଥିବା ବେଳେ ଏହାର ସପ୍ତାହକ ପରେ ଓଡ଼ିଶାରେ ପ୍ରବେଶ କରିଥିଲା ଜୁନ ମାସରେ । ଯେତିକି ବର୍ଷା ହେବା କଥା, ତା'ଠାରୁ ୨୧ ପ୍ରତିଶତ ନିଂଅଟିଆ ବର୍ଷା ହୋଇଛି। ଗତ ଜୁନ ପହିଲାରୁ ଜୁଲାଇ ମଧ୍ୟ ଭାବ ଅର୍ଥାତ୍ ଦେଢମାସ ମଧ୍ୟରେ ରାଜ୍ୟରେ ୨୬୫.୩ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷାର ପରିମାଣ ହେଉଛି ୩୩୫.୮ ମି.ମି.। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୧୬ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ଅର୍ଥାତ୍ ନିଂଅଟିଆ ବର୍ଷା ହୋଇଛି। ଭଦ୍ରକ ଜିଲ୍ଲାରେ ସର୍ବାଧିକ ୬୦ ପ୍ରତିଶତ ନିଂଅଟିଆ ବର୍ଷା ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୪୦ ପ୍ରତିଶତ ନିଂଅଟିଆ ବର୍ଷା ହୋଇଛି। ଆହୁରି ମଧ୍ୟ ଯେଉଁ ସମୟରେ ମୌସୁମୀ ସକ୍ରୀୟ ରହିବା କଥା, ସେହି ସମୟରେ ଏକ ପ୍ରକାର ଗାଏବ ହୋଇଯାଇଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ମୌସୁମୀ ଏବେ ଦୁର୍ବଳ। ତେବେ ସେପ୍ଟେମ୍ବର ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ରହିବ ବୋଲି ଆଇଏମଡି କହିଛି। ମୌସୁମୀ ନେଇ ଆଇଏମଡିର ପୂର୍ବାନୁମାନ ଏବେ ଭୁଲ ପ୍ରମାଣିତ ହୋଇଛି। ଅତୀତରେ ଦେଶରେ ସାମୁଦ୍ରିକ ବାତ୍ୟା ନେଇ ଆଇଏମଡିର ପୂର୍ବାନୁମାନ ସଠିକ ହୋଇଥିବା ବେଳେ ଏବେ ମୌସୁମୀ ନେଇ ପୂର୍ବାନୁମାନ ବାରମ୍ବାର ଭୁଲ ପ୍ରମାଣିତ ହୋଇଛି ବୋଲି କୁହାଯାଇପାରେ। ଜାତୀୟ ରାଜଧାନୀ ଦିଲ୍ଲୀରେ ନିର୍ଦ୍ଧରିତ ସମୟର ୧୨ ଦିନ ପୂର୍ବରୁ ଅର୍ଥାତ୍ ଜୁନ୍ ୧୫ ତାରିଖ ସୁଦ୍ଧା ମୌସୁମୀ ପ୍ରବେଶ କରିବ ବୋଲି ବାରମ୍ବାର ଘୋଷଣା କରିଥିଲା। ମାତ୍ର ଚଳିତ ବର୍ଷ ଜୁନ୍ ମଧ୍ୟ ଭାବରେ ଦିଲ୍ଲୀରେ ଯେପରି ଗ୍ରୀଷ୍ମ ପ୍ରବାହ ତଥା ତାପମାତ୍ରା ବଢିଲା, ତାହା ୧୦୦ବର୍ଷର ରେକର୍ଡ ଭଙ୍ଗ କରିଛି। ଏହା ସତ୍ୟ ଯେ, ଆମ ଦେଶରେ କୃଷି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ସ୍ୱାଭାବିକ ବର୍ଷା ଦେଶର କୃଷି ଓ ଅର୍ଥନୀତି ପାଇଁ ବରଦାନ ସ୍ୱରୁପ। ଏଇ ଦୃଷ୍ଟିରୁ ସ୍ୱାଭାବିକ ମୌସୁମୀ ବର୍ଷା ଦେଶବାସୀଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ। ମୌସୁମୀ ଉପରେ ଉଭୟ ଖରିଫ ଓ ରବି ଚାଷ ତଥା ଫସଲ ଉତ୍ପାଦନ ନିର୍ଭର କରେ। ପାଣିପାଗର ଆଗୁଆ ସୂଚନା ଅନୁସାରେ ଚାଷୀ ଫସଲ ଓ ଚାଷବାସରେ ଯୋଜନା କରିଥାଏ। ପାଣିପାଗ ବିଭାଗର ଭୁଲ ପୂର୍ବାନୁମାନ ଚାଷୀଙ୍କ ପାଇଁ ଅଭିଶାପ ପାଲଟିଲା। ଉଲ୍ଲେଖ କରାଯାଇପାରେ ଯେ, ପାଣିପାଗ ବିଭାଗର ସଠିକ ଆକଳନ ତଥା ସ୍ୱାଭବିକ ମୌସୁମୀ ବର୍ଷା ଯୋଗୁଁ ଗତ ଦୁଇବର୍ଷ ଧରି ଦେଶରେ ଅଧିକ ଶସ୍ୟ ଉତ୍ପାଦିତ ହୋଇଥିଲା। ଯେଉଁଥିପାଇଁ ମହାମାରୀ କରୋନା ନିୟନ୍ତ୍ରଣ ପାଇଁ ଗତବର୍ଷ ଦେଶରେ ଦୀର୍ଘକାଳୀନ ଲକଡାଉନ ଏବଂ କଠୋର କଟକଣାରେ ସମସ୍ତ କ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ ଏପରିକି ଦେଶର ଆର୍ଥୀକ ଅଭିବୃଦ୍ଧି ହାର ନିମ୍ନଗାମୀ ହୋଇଥିବା ସମୟରେ କେବଳ କୃଷି କ୍ଷେତ୍ରର ଅଭିବୃଦ୍ଧି ୩ ପ୍ରତିଶତ ବୃଦ୍ଧି ପାଇଛି, ଯାହାକି ଆଶ୍ୱସ୍ତିର କାରଣ ହୋଇଛି। ତେଣୁ ପାଣିପାଗ ବିଭାଗ ସର୍ବଦା ମୌସୁମୀର ସଠିକ ଆକଳନ ଉପରେ ସର୍ବଦା ଗୁରୁତ୍ୱ ଦେବା ଜରୁରୀ। ଏହା ନିଶ୍ଚିତ ଯେ, ଜଳବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଏହା କାହିଁ କେଉଁ କାଳରୁ ରହିଛି। ଜଳ ବହୁଳେ ବନ୍ୟାର କାରଣ ହୋଇଥିବା ବେଳେ ଜଳ ବିହୁନେ ହେଉଛି ମରୁଡି। ଉଭୟ ଚାଷବାସ ପାଇଁ ଅଭିଶାପ। ଏପରି କ୍ଷେତ୍ରରେ ପାଣିପାଗ ବିଭାଗ ସଠିକ୍ ଆକଳନ, ପୂର୍ବାନୁମାନ ଚାଷୀ ମୁହଁରେ ହସ ଫୁଟାଇ ପାରିବ। ଚାଷୀ ହସିଲେ-ଦେଶ ହସିବ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଶ୍ରମମେବ ଜୟତେ ହିଁ ସତ୍ୟମେବ ଜୟତେ

ଦେଶ ଗଠନର ବିନ୍ଧାଣି ଶ୍ରମଜୀବୀ ଶ୍ରେଣୀ। ସ୍ୱଳ୍ପସଂଖ୍ୟକ ଦେଶରେ ଶ୍ରମଜୀବୀ ଶ୍ରେଣୀକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ଏବେ ସମଗ୍ର ବିଶ୍ୱରେ ଶ୍ରମିକମାନଙ୍କୁ ମାଲିକ ଶ୍ରେଣୀ ଓ ସରକାର ଅତି ନ୍ୟୁନ ଦୃଷ୍ଟିରେ ଦେଖୁଛନ୍ତି। ପ୍ରକୃତ ଉତ୍ପାଦନର ମାଲିକ ଶ୍ରମିକମାନେ କିନ୍ତୁ ପୁଞ୍ଜି ସଂଗ୍ରହକାରୀ ଓ ବିନିଯୋଗକାରୀ ମାଲିକ ବୋଲାଇ ତାଙ୍କ ଲାଭର ପାହାଡ଼କୁ ଆକାଶଚୁମ୍ବୀ କରାଇବାରେ ଲାଗିପଡ଼ିଛନ୍ତି। ଏଣେ ମାଟି ଉପରେ ରୁଟି, କପଡ଼ା, ମକାନ ପାଇଁ ଦିନ ରାତି ଖଟିଲେ ବି ଶ୍ରମିକଶ୍ରେଣୀ ପକ୍ଷରେ ଆବଶ୍ୟକୀୟ ସାମଗ୍ରୀ ଯୋଗାଡ଼ କରିବା କାଠିକର ପାଠ ହୋଇଯାଇଛି।

ବ୍ରିଟିଶ ଅମଳରୁ ଆଜି ପର୍ଯ୍ୟନ୍ତ ଶ୍ରମ ଆଇନ୍‌ଗୁଡ଼ିକ ଏତେ ଜଟିଳ ଯେ ଶ୍ରମଜୀବୀ ଶ୍ରେଣୀ ନ୍ୟାୟ ଅପେକ୍ଷାରେ ବର୍ଷବର୍ଷ ଚାତକ ଭଳି ଚାହିଁ ରହୁଛନ୍ତି। କେତେକ ବୃଦ୍ଧ ହୋଇଯାଇ ମୃତ୍ୟୁ ମୁଖରେ ପଡୁଛନ୍ତି, ଆଉ କେତେକ କୋର୍ଟ କଚେରୀ ଓକିଲ ପାଖକୁ ଧାଇଁ ଧାଇଁ ସର୍ବସ୍ୱାନ୍ତ ହୋଇ ପଡୁଛନ୍ତି। ଏହି ଦୃଷ୍ଟିରୁ ଜଟିଳ ଶ୍ରମଆଇନ୍‌ଗୁଡ଼ିକର ଶ୍ରମିକ ସ୍ୱାର୍ଥର ଚାହିଦା ଦୃଷ୍ଟିରୁ ଆଶୁସଂସ୍କାର ଏକାନ୍ତ ଆବଶ୍ୟକ ହୋଇପଡ଼ିଛି।ସାଂପ୍ରତିକ ଶ୍ରମ ଆଇନ୍ ଶ୍ରମିକମାନଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରିବାରେ କୌଣସି ସହାୟକ ହୋଇପାରୁନି। କେବଳ ନିର୍ମାଣ, 'ର୍ମ, ଆତ୍ମନିଯୁକ୍ତି ଏବଂ ମାମୁଲି ଚାକିରି କିଛି ସୃଷ୍ଟି କରୁଛି। ଯାହା ସମୁଦ୍ରକୁ ମାତ୍ର ଶଙ୍ଖେ ପାଣି ଭଳି। ପୁଣି ଯାହାକିଛି ଆଇନ୍ ଅଛି ସେଥିରେ ବାରମ୍ବାର ସଂଶୋଧନ କରାଯାଇ ଅନେକ କଳାଆଇନ୍ ଯୋଡ଼ି ଦିଆଯାଉଛି। ଶ୍ରମଜୀବୀ ଶ୍ରେଣୀ ମ୍ନରେ ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଭାବେ ଉନ୍ନତ ଚିନ୍ତା ଚେତନା ସୃଷ୍ଟି କରିବାରେ କୌଣସିଦଳ ଖାସ୍ ପଦକ୍ଷେପ ନେଇ ପାରୁନାହାନ୍ତି। ଶ୍ରମିକମାନଙ୍କୁ ଯେଉଁସବୁ ଟ୍ରେଡ୍‌ୟୁନିୟନ୍‌ମାନେ ସଂଗଠିତ କରୁଛନ୍ତି, ସେମାନେ ଦଳ ଓ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବେଶି ଉତ୍ସାହୀ - ଯାହା 'ଳରେ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରାଯାଇ ପାରୁନି। ପୁଣି ଦେଶର ବେଶି ଭାଗ ଶ୍ରମିକମାନଙ୍କର କୌଣସି ଟ୍ରେଡ୍ ୟୁନିୟନ ନାହିଁ। ଏମାନଙ୍କୁ ଐକ୍ୟବଦ୍ଧ କରି ଏକ ସଜାଗ ସଂଗଠନ ରୂପେ ଗଢ଼ିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି।ଦେଶରେ ଶ୍ରମ ଓ ଶିଳ୍ପ ସଂପର୍କିତ ୪୪ଟି ଜାତୀୟ ଆଇନ୍ ଅଛି - ଏହା ବାଦ୍ ପ୍ରତ୍ୟେକ ରାଜ୍ୟରେ ଶହଶହ ସଂଶୋଧନ କରାଯାଉଛି। ଏହିସବୁ ଆଇନ୍‌କାନୁନ୍ ଦ୍ୱାରା ଶ୍ରମିକମାନଙ୍କ କ୍ଷେତ୍ରରେ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ମ୍ନ ଅସାଧୁ ଆଚରଣ କରିବାକୁ ପଛାଉ ନାହାନ୍ତି। ଭାରତରେ ସାପ୍ତାହିକ ଶ୍ରମ ସମୟ ୪୮ଘଂଟା ଥିଲାବେଳେ ଚୀନ୍, ରୁଷରେ ୪୦ଘଂଟା ଅଛି। ଭାରତରେ ସର୍ବନିମ୍ନ ମଜୁରୀ ହାରାହାରି ୨୮% ଥିଲାବେଳେ ଚୀନ୍, ଭିଏତ୍‌ନାମରେ ୨୯%, ମାଲୟେସିଆରେ ୩୪%, ବ୍ରାଜିଲ୍‌ରେ ୩୮% ଅଛି। ମହିଳା ଶ୍ରମିକମାନଙ୍କ ପାଇଁ ପ୍ରସୂତିକାଳୀନ ସବେତନ ଛୁଟି ୧୨ ସପ୍ତାହ ଥିଲାବଳେ କଲମ୍ବିଆରେ ୧୪ ସପ୍ତାହ, ବ୍ରାଜିଲରେ ୧୭ସପ୍ତାହ ଅଛି। ଭାରତରେ ଅନ୍ୟାନ୍ୟ ଆଇନ୍‌କାନୁନ୍ ମ୍ନ ଜଟିଳ। ସୁ'ଳ ପାଇଁ ଅର୍ଥ ଓ ସମୟ ବରବାଦ ହୁଏ।ଏବେ ମାଲିକମାନେ ଠିକା ଶ୍ରମିକ ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ଜଣେ ଶ୍ରମିକ ଶିଳ୍ପାନୁଷ୍ଠାନରେ ଲଗାତର ୯୦ଦିନ କାମ କଲେ ସ୍ଥାୟୀ ଶ୍ରମିକ ଭାବରେ ଗଣା ହେବା ପାଇଁ ବିଧି ଅଛି। ଠିକ୍ ୮୯ ଦିନ କାମ କଲା ପରେ ହଠାତ୍ ଛଟେଇ କରିଦିଅନ୍ତି। ହାୟାର୍ ଆଣ୍ଡ



ମାୟାଧର ନାୟକ

'ୟାର୍ ପଲିସିକୁ ମାଲିକ ଶ୍ରେଣୀ ବହୁତ ଭଲ ପାଆନ୍ତି। ସବୁଠାରୁ ଭୟଙ୍କର ବ୍ୟବସ୍ଥା ହେଲା - ମାଲିକମାନେ ସ୍ଥାନୀୟ ଅପରାଧୀମାନଙ୍କୁ ଶ୍ରମିକ ଯୋଗାଣ କାମର ଦାୟିତ୍ୱ ଦିଅନ୍ତି। ଯାହା'ଳରେ ମାଲିକ ଶ୍ରମିକମାନଙ୍କର ପ୍ରାପ୍ୟ ମଜୁରୀ ହରଣଚାଲ କରନ୍ତି। ଶ୍ରମିକ ଯୋଗାଣକାରୀ ଠିକାଦାରମାନେ ମ୍ନ ମାଲିକ ଓ ଶ୍ରମିକମାନଙ୍କଠାରୁ କମିଶନ ପାଆନ୍ତି। ଟ୍ରେଡ୍ ୟୁନିୟନ୍ ଓ ସରକାରଙ୍କର ଶ୍ରମ ବିଭାଗ ସବୁ ଜାଣି ଅଜଣା।ସର୍ବନିମ୍ନ ମଜୁରୀ ଆଇନ୍, 'କ୍ଟି ଆକ୍ଟ, ଶିଶୁଶ୍ରମିକ ଆଇନ୍ ପ୍ରମୁଖ ଆଇନ୍ କାର୍ଯ୍ୟକାରୀ କରିବାରେ ସଚେତନତା ସୃଷ୍ଟି କରାଯାଉନି।କେନ୍ଦ୍ର ସରକାର ସର୍ବନିମ୍ନ ମଜୁରୀ ଶିଶୁଶ୍ରମିକ, ଶିକ୍ଷାନବିସ୍ (ୟାପ୍ରେନ୍‌ଟିସ୍) ଆଇନ୍‌ରେ ସଂସ୍କାର ଆଣିବାକୁ ପ୍ରସ୍ତାବ ଅଛି। ବ୍ରିଟିଶ୍ ଅମଳର କିଛିକିଛି ଶ୍ରମ ଆଇନ୍ କେବଳ ସଂଶୋଧନ କରାଯାଇଛି। ସର୍ବନିମ୍ନ ମଜୁରୀ ଆଇନ୍‌ରେ ଶ୍ରମିକମାନଙ୍କ ପାଇଁ ବହୁବିଧ ସୁଯୋଗସୁବିଧା ଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରୁନି। ଦେଶର କୋଟିକୋଟି ଶ୍ରମିକ ଏବେବି ସର୍ବନିମ୍ନ ମଜୁରୀ ପାଇ ପାରୁ ନାହାନ୍ତି। ସେମାନଙ୍କ ସୁରକ୍ଷା ତଥା ନ୍ୟାୟୋଚିତ ମଜୁରୀ ଦେବାରେ ଏ ପର୍ଯ୍ୟନ୍ତ ସବୁ ସରକାର ବ୍ୟର୍ଥ ହୋଇଛନ୍ତି। ଆଇନ୍‌ଭଂଗକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରୁନି।ଶିଶୁ ଶ୍ରମିକ ପ୍ରଥା ଏକ ଜାତୀୟ ଲଜ୍ଜା। ଶିଶୁଶ୍ରମିକ ଉଚ୍ଛେଦ ପାଇଁ ସରକାରମାନେ ବାରମ୍ବାର କଣ୍ଠ'ଟାଇ ଚିତ୍କାର କଲେ ମ୍ନ କୁମ୍ଭୀର କାନ୍ଦଣାରେ ପରିଣତ ହେଉଛି। ଘରଠାରୁ ଆରମ୍ଭ କରି ଦୋକାନବଜାର, କଳକାରଖାନା, ଖଣିଖାଦାନରେ ଶିଶୁଶ୍ରମିକମାନଙ୍କୁ ହାଡ଼ଭଙ୍ଗା ଖଟଣି ଖଟିବାକୁ ହୁଏ। ଯେଉଁ ବୟସରେ ସେମାନେ ଖେଳିବୁଲି, ପାଠପଢି ଭବିଷ୍ୟତ ଗଠନ କରିବାର ମୂଳଦୁଆ ପଡ଼ନ୍ତା ସେ ବୟସରେ ସେମାନଙ୍କୁ ମୂଲ ଲାଗିବାକୁ ପଡ଼େ। ଏହି ପ୍ରଥା ସଂପୂର୍ଣ୍ଣ ଲୋପ କରାଯାଇ ଶିଶୁମାନଙ୍କ ସୁରକ୍ଷା ଓ ଭବିଷ୍ୟତ ଗଠନ ପାଇଁ ସକାରାତ୍ମକ ବାସ୍ତବ ପଦକ୍ଷେପ ନେବାର ସମୟ ଆସି ଯାଇଛି।ଆମ ଦେଶରେ ଶିକ୍ଷାନବିସ୍ ଆଇନ୍ ଅଛି, ପ୍ରଥମେ ଶିକ୍ଷାର୍ଥୀ ଟ୍ରେନିଂ ନେଲା ପରେ ନିଯୁକ୍ତି ଦିଆଯିବାର ଆଇନ୍ ଅଛି। କିଂତୁ ଶିକ୍ଷାନବିସ୍‌ମାନେ ଧାର୍ଯ୍ୟ ସମୟ ଶେଷ କଲା ପରେ ଚାକିରି ମିଳୁନି। ଆମ ଦେଶରେ ଲକ୍ଷଲକ୍ଷ ଶିକ୍ଷାନବିସ୍ ଟ୍ରେନିଂ ଶେଷ କଲା ପରେ ମ୍ନ ଚାକିରି ନପାଇ ବେକାର ଜୀବନ ବିତାଉଛନ୍ତି। ଏହି ୩ଟି ଆଇନ୍‌କୁ ସରକାର ବଦଳାଇବା ପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ଆଇନ୍‌ଗୁଡ଼ିକ ଶ୍ରମଜୀବୀ ଶ୍ରେଣୀର ସ୍ୱାର୍ଥରେ ଯେଭଳି ବାସ୍ତବ କାର୍ଯ୍ୟକାରୀ ହେବ -ସେଥିପାଇଁ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଯେଉଁସବୁ ଆଇନ୍ ଅଛି- ବିଶେଷ କରି ଭବିଷ୍ୟନିଧି ପାଣ୍ଠି, ତାହା ପ୍ରାୟ ଅଚଳଅବସ୍ଥାକୁ ଆସିଯାଇଛି। ଶ୍ରମିକ କର୍ମଚାରୀମାନଙ୍କଠାରୁ ଇପିଏ'୍ କାଟିରଖିଲାବେଳେ ମାଲିକମାନେ ସମପରିମାଣରେ ଅର୍ଥ ଶ୍ରମିକମାନଙ୍କ ନାଁରେ ରଖିବା ନିୟମ ଅଛି। ଅଧିକାଂଶ କ୍ଷେତ୍ରରେ ମାଲିକମାନେ ତାଙ୍କ ସର୍ତ୍ତ ରକ୍ଷାକରୁ ନାହାନ୍ତି। ଇପିଏ'୍ 'ଣ୍ଡକୁ ଟଙ୍କାଯାଉନି। ଲକ୍ଷଲକ୍ଷ ଟଙ୍କା ଠକି ଚାଲିଛନ୍ତି। ଇପିଏ'୍ 'ଣ୍ଡରେ ଶ୍ରମିକମାନଙ୍କର କୋଟିକୋଟି ଟଙ୍କା ମ୍ନ ଂ'ରି ପାଉ ନାହାନ୍ତି। ବହୁ ଶ୍ରମିକ ସଚେତନତା ଅଭାବରୁ ଇପିଏ'୍ 'ଣ୍ଡ ଉଠାଇ ପାରୁ ନାହାନ୍ତି। ଏହା ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପରିବର୍ତ୍ତେ କ୍ଷତି ସାଧନ କରୁଛି। ସଂପ୍ରତି ପ୍ରଚଳିତ ପୁଂଜିବାଦୀ ବ୍ୟବସ୍ଥାରେ ଶ୍ରମିକଶ୍ରେଣୀ ଅର୍ଥନୈତିକ ସୁବିଧାବାଦର ଶିକାର ହୋଇ ପଡ଼ିଛନ୍ତି। ଦେଶର ସଂଖ୍ୟାଧିକ ଶ୍ରମିକନେତା ଏବେ ମାଲିକମାନଙ୍କର ସ୍ୱାର୍ଥ ପାଇଁ କାମ କରୁଛନ୍ତି।ସାଂପ୍ରତିକ ସମାଜବ୍ୟବସ୍ଥାରେ ଅତ୍ୟଧିକ ମୁନା'। ଲାଳସା ପାଇଁ ଶ୍ରମଭିତିକ ଶିଳ୍ପକୁ ପୁଂଜିଭିତିକ ଶିଳ୍ପରେ ପରିଣତ କରାଯାଇଛି ଯାହା 'ଳରେ ବ୍ୟାପକ ମେସିନ୍, କମ୍ପ୍ୟୁଟର ପ୍ରଚଳନ ଯୋଗୁ ଶ୍ରମିକ ଛଟେଇ ଏକପ୍ରକାର ସାଧାରଣ ଘଟଣା ପାଲଟିଯାଇଛି ଓ ନୂଆନୂଆ ନିଯୁକ୍ତି ସୃଷ୍ଟି ହେବାରେ ଅନ୍ତରାୟ ସୃଷ୍ଟି ହୋଇଛି। ଶ୍ରମଜୀବୀମାନଙ୍କୁ ନ୍ୟାୟୋଚିତ ମଜୁରୀ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାରେ ସରକାର କିମ୍ବା ଆଇନ୍‌କାନୁନ୍ କାର୍ଯ୍ୟକାରୀ ପଦକ୍ଷେପ ନେଇ ପାରୁ ନାହାନ୍ତି। ମାତ୍ର ମନେରଖିବାକୁ ପଡ଼ିବ ଯେ ଶ୍ରମମେବ ଜୟତେ ହିଁ ପ୍ରକୃତରେ ସତ୍ୟମେବ ଜୟତେ - ଶ୍ରମକୁ ସଂଭ୍ରମ ନ ଦେଲେ ସଭ୍ୟତାର ଜୟଯାତ୍ରା ହେବ ଭ୍ରମ ସଂକୁଳ। ଆସନ୍ତା କାଲିର ଅଗ୍ରଗତି ନିମନ୍ତେ ଏହା ହିଁ ଆଜିର ଆହ୍ୱାନ - ଶ୍ରମମେବ ଜୟତେ। ପୃଥିବୀର ପ୍ରତ୍ୟେକ ପ୍ରାନ୍ତ ଆଜି ଏହି ବିଜୟର ଅପେକ୍ଷାରେ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଡାକ୍ତରମାନେ ହିଁ ପ୍ରକୃତରେ ଦ୍ୱିତୀୟ ଈଶ୍ୱର

ଗତ ଜୁଲାଇ ୦୧ ତାରିଖରେ ଭାରତରେ 'ଜାତୀୟ ଡାକ୍ତର ଦିବସ' ପାଳିତ ହୋଇଯାଇଅଛି। ଏହା ଏପରି ଏକ ଦିନ ଯେଉଁ ଦିନ ଜଣେ ଡାକ୍ତରଙ୍କ ଚିକିତ୍ସା କ୍ଷେତ୍ରରେ ଅବଦାନକୁ ସ୍ମରଣ କରିବା ପାଇଁ ଏହାକୁ ପାଳନ କରାଯାଏ । ଅନ୍ୟ ଅର୍ଥରେ କହିଲେ ଡାକ୍ତର ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ଆମ ଜୀବନରେ ଡାକ୍ତରଙ୍କ ଅବଦାନ ଉପରେ ଗୁରୁତ୍ୱ ଦେବା ଓ ସେମାନଙ୍କ କାର୍ଯ୍ୟକୁ ସ୍ମରଣ କରି ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏହା ଏକ ପ୍ରୟାସ । ଭାରତରେ ଡାକ୍ତର ଦିବସ ପାଳନର ଇତିହାସ ଭିନ୍ନ । ଭାରତର କିମ୍ବଦନ୍ତୀ ଚିକିତ୍ସକ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କୁ ସମ୍ମାନ ଜଣାଇବା ପାଇଁ ୧୯୯୧ ଜୁଲାଇ ୦୧ ତାରିଖଠାରୁ ଭାରତରେ ଡାକ୍ତର ଦିବସ ଭାବେ ପାଳନ କରାଯାଉଛି। ବିଭିନ୍ନ ଦେଶରେ ଭିନ୍ନଭିନ୍ନ ସମୟରେ ଡାକ୍ତର ଦିବସ ପାଳନ କରାଯାଏ । ଅଷ୍ଟ୍ରେଲିଆରେ ୩୦ ମାର୍ଚ୍ଚରେ ଡାକ୍ତର ଦିବସ ପାଳନ ହେଉଥିବା ବେଳେ କୁଏତ୍‌ରେ ମାର୍ଚ୍ଚ ୦୩ , ବ୍ରାଜିଲ୍‌ରେ ଅକ୍ଟୋବର ୧୮, କାନାଡାରେ ମେ୦୧, କ୍ୟୁବାରେ ଡିସେମ୍ବର ୦୩,ଇରାନାରେ ଅଗଷ୍ଟ ୦୩, ମାଲେସିଆରେ ଅକ୍ଟୋବର ୧୦, ତୁର୍କିରେ ମାର୍ଚ୍ଚ ୧୪, ଭିଏତନାମରେ ଫେବୃଆରୀ ୨୭ ଓ ନେପାଳରେ ମାର୍ଚ୍ଚ୦୪ ରେ ଡାକ୍ତର ଦିବସ ପାଳନ କରାଯାଇଥାଏ।

କିଛିଦିନ ଧରି ମହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ବୋଧହୁଏ ଦୁଇଦୁଇଟି ବିଶ୍ୱଯୁଦ୍ଧ ପରେ ଏହି ରୋଗରେ ମୃତକଙ୍କ ସଂଖ୍ୟା ଯଥେଷ୍ଟ ଆଗରେ। ଗୋଟିଏ ପଟେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆମେ ଉଲ୍ଲେଯୋଗ୍ୟ ସଫଳତା ହାସଲ କରିଥିଲା ବେଳେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ରୋଗ ଆମପାଇଁ ମୃତ୍ୟୁର କାରଣ ହୋଇଛି। ଭୟଙ୍କର କ୍ୟାନ୍‌ସର ଠାରୁ ଆରମ୍ଭ କରି ଏଡ୍‌ସ ପର୍ଯ୍ୟନ୍ତ, ପ୍ଲେଗ୍ ଠାରୁ ଆରମ୍ଭକରି ସାଇନ୍‌ଫ୍ଲୁ ଏପରିକି ଯକ୍ଷ୍ମା,ହଇଜା ଇତ୍ୟାଦି ମହାମାରୀ ମଣିଷ ସମାଜର ଅସ୍ତିତ୍ୱପ୍ରତି ବିପଦ ସୃଷ୍ଟି କରିଆସୁଛି। ସବୁକୁ ବଳିପଡିଛି କରୋନାର ପ୍ରକୋପ ।ଅଦ୍ୟାବଧି ପ୍ରାୟ ୨୨୦ରୁ ଉର୍ଦ୍ଧ୍ୱ ଦେଶ ଏହି ରୋଗର ଭୂତାଣୁରେ ଆକ୍ରାନ୍ତ। ବିଶ୍ୱରେ କରୋନା ଜନିତ ମୃତକଙ୍କ ସଂଖ୍ୟା ୪୦, ୭୮,୪୧୯ ରେ ପହଞ୍ଚିଛି।ସେହିପରି ଆମ ଦେଶରେ ବର୍ତ୍ତମାନ ସୁଦ୍ଧା କରୋନା ସମୁଦାୟ ୪,୧୧,୯୮୯ ଜୀବନ ନେଲାଣି। ସେହିପରି ଆମ ରାଜ୍ୟରେ ମୋଟ ମୃତକଙ୍କ ସଂଖ୍ୟା ୪୮୬୧ରେ ପହଞ୍ଚିଛି। ରାଜ୍ୟରେ କରୋନା ସ୍ଥିତି ଓ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ ସଂକ୍ରମଣ ସଂଖ୍ୟା କମୁଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ସେହିପରି କରୋନାର ତୃତୀୟ ଲହରୀ ରୁଷ୍ , ଫ୍ରାନ୍ସ ଓ ବ୍ରିଟେନରେ ଡେଲ୍ଟା ପ୍ରଜାତି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ଅନ୍ୟପଟେ କରୋନାର ଚତୁର୍ଥ ଲହରୀ ଖୁବ୍ ଶୀଘ୍ର ଆସିପାରେ ବୋଲି ଆକଳନ କରାଯାଉଛି। ଆମ ଦେଶର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯେଉଁ ଚେତାବନି ଦେଇଛନ୍ତି ତାକୁ ଲୋକମାନେ ଅତି ସାଧାରଣ ବୋଲି ଭାବୁଛନ୍ତି। ଏ କଥାକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ। କରୋନା ସମୟରେ ଏହାର ମୁକାବିଲା କରୁଥିବା ବ୍ୟକ୍ତି ମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦିଆଯାଇଛି। ଡାକ୍ତର,ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଅଗ୍ନିଶମ କର୍ମଚାରୀ,ନିର୍ବାଚିତ ଜନପ୍ରତିନିଧି, ଏଏନ୍‌ଏମ୍‌ଞ୍ଚ,ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନେ ହେଉଛନ୍ତି ଜଣେ ଜଣେ କରୋନା ଯୋଦ୍ଧା । ତେବେ ରାଜ୍ୟରେ ବହୁ ସଂଖ୍ୟା ଧରି କୋଭିଡ୍ ଯୋଦ୍ଧା ସଂକ୍ରମିତ ହେବା ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି। ବିଶେଷ କରି ଦିନରାତି ଏକ କରି କରୋନା ଆକ୍ରାନ୍ତଙ୍କ ସେବାରେ କାର୍ଯ୍ୟରତ ଥିବା ଆଗଧାଡିର ଯୋଦ୍ଧା ଡାକ୍ତରମାନେ ସଂକ୍ରମିତ ହେବା ସବୁଠାରୁ ବେଶି ଚିନ୍ତା ଜନକ ହୋଇପଡିଛି ।ଆମ ଦେଶରେ କରୋନାର ଦ୍ୱିତୀୟ ଲହର ସମୟରେ ପ୍ରାୟ ୭୭୬ ଜଣ ଡାକ୍ତର ପ୍ରାଣ ହରାଇଥିବା ବେଳେ ଆମ ରାଜ୍ୟରେ ପ୍ରାୟ ୩୪ ଜଣ ଡାକ୍ତର ପ୍ରାଣ ହରାଇଛନ୍ତି। ଏହି ରୋଗ ପ୍ରାଣଘାତି ହୋଇଥିବା ଜାଣି ମଧ୍ୟ ସେମାନେ ନିଜ ଜୀବନକୁ ବାଜି ଲଗେଇଦେଇଛନ୍ତି ।ସେମାନେ ହିଁ ଏହି ଲଢେଇର ପ୍ରକୃତ ଯୋଦ୍ଧା। । କରୋନା ମୁକାବିଲାର ଦାୟିତ୍ୱରେ ରହିଥିବା ଏହି ଦ୍ୱିତୀୟ ଈଶ୍ୱର ମାନେ ଯଦି ସଂକ୍ରମଣର ଶିକାର ହେବେ ତେବେ ସାଧାରଣ ଲୋକଙ୍କୁ କିଏ ଏଥିରୁ ରକ୍ଷା କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରମୁଖ ଯୋଦ୍ଧାଙ୍କ ସଂକ୍ରମଣ ନେଇ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି ।ସାଧାରଣତଃ ସମସ୍ତେ ନିଜ ଜୀବନକୁ ସୁରକ୍ଷା ଦେବାକୁ ଚିନ୍ତା କରିଥାନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନ ଆମ ପାଇଁ ସବୁଠାରୁ ମୂଲ୍ୟବାନ। ତେଣୁ ସେମାନଙ୍କୁ ସୁରକ୍ଷାଦେବା ସାହାଯ୍ୟ ଓ ସହଯୋଗ କରିବା ଆମର ପ୍ରଧାନ କର୍ତ୍ତବ୍ୟ। ଏସବୁ ସତ୍ତ୍ୱେ କେତେକ ସ୍ଥାନରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁର୍ବ୍ୟବହାର କରିବା, ତାଙ୍କୁ ସହଯୋଗ ନକରିବା ଏବଂ ତାଙ୍କ ପରାମର୍ଶ ନମାନିବା ଘଟଣା ମାନ ଦୃଷ୍ଟିଗାଚର ହେଉଛି ।ଆମକୁ ମନେ ରଖିବାକୁ ହେବ ଯେ, ଡାକ୍ତରଙ୍କ ପରାମର୍ଶ ନମାନିବା ଅର୍ଥ ଆମେ ନିଜ ଜୀବନ ତଥା ନିଜ ପରିବାର ପ୍ରତି ବିପଦକୁ ଡାକି ଆଣିବା ।ଆମ ଦେଶର ଜନସଂଖ୍ୟା ତୁଳନାରେ ଡାକ୍ତର, ସ୍ୱସ୍ଥ୍ୟକର୍ମୀ ଓ ସମ୍ବଳ ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ନଥିବାରୁ ସୀମିତ ସୁବିଧା ସୁଯୋଗକୁ ନେଇ ଆମେ କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ସ୍ୱସ୍ଥ୍ୟସେବା ପାଇଁ ସହଯୋଗର ହାତ ବଢାଇବାକୁ ପଡିବ। ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଇଁ ସମ୍ମାନ ଦେବାକୁ ଯାଇ ଆମେ ଜନତାକର୍ଫ୍ୟୁ ଦିନ ଥାଳି, ଘଣ୍ଟ, ଘଣ୍ଟା ବଜାଇ ସାରିଛେ। ସେହିପରି ଆମ ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିବେଦନ କ୍ରମେ ମେ ୩୦ତାରିଖ ଦିନ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ ବନ୍ଦେ 'ଉତ୍କଳ ଜନନୀ' ଗାନ କରି ସାରିଛେ। ଅନେକ ସମୟରେ ଲୋକମାନେ ଡାକ୍ତରଙ୍କୁ ଅଙ୍ଗୁଳି ଉଠାଉଥିବା ବେଳେ ଚଳିତ ବର୍ଷ କୋଭିଡ୍ କଟକଣା ଭିତରେ ପ୍ରତିଦିନ କୋଭିଡ୍ ଚିକିତ୍ସାଳୟରେ କରୋନା ଆକ୍ରାନ୍ତଙ୍କ ସହ ରହି ସେମାନଙ୍କୁ ଭଲ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି । । ବର୍ତ୍ତମାନ କରୋନା ମହାମାରୀ ସମୟରେ ସେମାନଙ୍କର



ହିମାଂଶୁ ଶେଖର ଆଚାର୍ଯ୍ୟ

ଅବଦାନ ବେଶ୍ ବାରି ହୋଇପଡିଛି । ସାଧାରଣ ଲୋକ ନିଜକୁ ସମସ୍ତଙ୍କ ଠାରୁ ଦୁରରେ ରଖୁଥିବା ବେଳେ ଡାକ୍ତର କରୋନା ରୋଗୀଙ୍କ ସହ ମିଶି ସେମାନଙ୍କୁ ସୁସ୍ଥ କରିବାର ଉଦ୍ୟମ କରୁଛନ୍ତି । ତେଣୁ ଖାଲି ବର୍ତ୍ତମାନ ସମୟରେ ନୁହେଁ ସବୁ ସମୟରେ ଡାକ୍ତରମାନେ ପ୍ରକୃତ ହିରୋ ବୋଲି ବିଭିନ୍ନ ପତ୍ରିକାରେ ଉଲ୍ଲେଖ କରାଯାଉଛି। ଆମ ଦେଶର ମାନ୍ୟବର ପ୍ରାଧାମନ୍ତ୍ରୀ ତଥା ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଗ ଧାଡିର କରୋନା ଯୋଦ୍ଧା ଭାବେ ଘୋଷଣା କରିସାରିଛନ୍ତି। ଏହା ସେମାନଙ୍କ ସେବା କରିବାର ଆଗ୍ରହ ଓ ମନୋବଳକୁ ଦୃଢ କରିଥିବ ନିଶ୍ଚୟ । କାରଣ ସେମାନେ ହିଁ ଏହି ସଂଗ୍ରାମର ପ୍ରକୃତ ହିରୋ। ଈଶ୍ୱର ସିନା ଜୀବନ ଦିଅନ୍ତି, କିନ୍ତୁ ଦ୍ୱିତୀୟ ଈଶ୍ୱର ଜୀବନ ରକ୍ଷାକରନ୍ତି ଏହାହିଁ ନିରାଟ ସତକଥା । କୋଭିଡ୍-୧୯ ର ମୁକାବିଲାପାଇଁ ଶିକ୍ଷକ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ତଥା ଗଣମାଧ୍ୟମର ପ୍ରତିନିଧି ବିଭିନ୍ନ ସ୍ତରରେ ନିଜକୁ ସାମିଲ କରିଛନ୍ତି। ସେଥିପାଇଁ ସେମାନେ ପ୍ରଶଂସା ପାଇବାର ହକ୍‌ଦାର। ଅତୀତରେ ଅନେକ ଭୂତାଣୁ ଆସିଛି ଓ ଯାଇଛି । ମାନବ ସମାଜକୁ ମହାସଙ୍କଟରୁ ରକ୍ଷାକରିବା ପାଇଁ ଡାକ୍ତର ଓ ବିଶେଷଜ୍ଞମାନେ ଏଥିପାଇଁ ଟୀକା, ଔଷଧ ଏବଂ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ବାହାର କରିଛନ୍ତି। ଏପରିକି କ୍ୟାନସର, ଏଡସ୍, ଯକ୍ଷ୍ମା, ପ୍ଲେଗ୍, ଓ ସାଇନ୍‌ଫ୍ଲୁ ଭଳି ଦୁରାରୋଗ୍ୟର ପ୍ରତିଷେଧକ ବାହାର କରିବାରେ ଆମର ଡାକ୍ତର ଓ ବିଶେଷଜ୍ଞମାନେ ସମର୍ଥ ହୋଇପାରିଛନ୍ତି । କୋଭିଡ୍-୧୯ର ପ୍ରତିଷେଧକ ବାହାର କରିବାପାଇଁ ବିଶ୍ୱସ୍ତରରେ ଯେଉଁ ଗବେଷଣା ଆରମ୍ଭ ହୋଇଥିଲା ତାହା ସଫଳ ହୋଇଛି। ଆମ ଦେଶ ମଧ୍ୟ କୋଭିସିଲ୍ଡ ଓ କୋଭାକ୍ସିନ ଭଳି ଦୁଇଟି ଟିକା ପ୍ରସ୍ତୁତ କରିଛି। ଏବେ ସାରା ଦେଶରେ ଓ ଆମ ରାଜ୍ୟରେ ଟୀକାକରଣ ପ୍ରକ୍ରିୟା ଜାରି ରହିଛି। ପରିସ୍ଥିତି ଏପରି ହୋଇଛି ଯେ, ଶହ ଶହ ରୋଗୀଙ୍କୁ ବଞ୍ଚାଉଥିବା ଡାକ୍ତର ନିଜେ ବଞ୍ଚିପାରୁ ନାହାନ୍ତି। ଏହା ସବୁଠାରୁ ଉଦ୍‌ବେଗର ବିଷୟ । କାରଣ ଡାକ୍ତରମାନଙ୍କ ସ୍ଥାନ ପୁରଣ କରାଯିବା ଏତେ ସହଜ ନୁହେଁ ଏବଂ ଏଥିପାଇଁ ଦୀର୍ଘ ବର୍ଷର ସମୟ ଆବଶ୍ୟକ। ତେଣୁ ସମସ୍ତେ ପରସ୍ପର ଠାରୁ ଦୂରତ୍ୱ ରକ୍ଷା, ମାସ୍କ ବ୍ୟବହାର, ସାନିଟାଇଜର ବ୍ୟବହାର ସହିତ ଟିକା ନେବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ୍। ଏପରିକି ଟିକା ନେବା ପରେ ବି ସେମାନେ କୋଭିଡ ନିୟମାବଳୀ ମାନିବା ଆବଶ୍ୟକ। ଯଦିଓ କତିପୟ ଡାକ୍ତର ନିଜ ପେଶାକୁ ବ୍ୟବସାୟିକ କରିଥାନ୍ତି ବା ସେମାନେ ରୋଗୀଙ୍କୁ ଭଲ ବ୍ୟବହାର ଦେଖାଇ ନଥାନ୍ତି, ତଥାପି ଅନେକ ଡାକ୍ତର ଅଛନ୍ତି ଯେଉଁମାନଙ୍କ ସାଧୁତା ଓ କର୍ତ୍ତବ୍ୟନିଷ୍ଠାକୁ ଅସ୍ୱୀକାର କରିହେବନି। ଅନ୍ୟ ମାନଙ୍କ ପାଇଁ ସେମାନେ ଉଦାହରଣୀୟ । ତେଣୁ କେତେକ ଡାକ୍ତରଙ୍କ ପାଇଁ ସମସ୍ତଙ୍କୁ ସେହି ଦୃଷ୍ଟରେ ଦେଖିବା ସମିଚୀନ ନୁହେଁ। ସାମଗ୍ରିକ ଭାବେ ଆମ ସ୍ୱାସ୍ଥ୍ୟ ରକ୍ଷାରେ ସେମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଏବେ ସମୟ ଆସିଛି ଡାକ୍ତରଙ୍କୁ ଯଥେଷ୍ଟ ସମ୍ମାନ ଦେବାର । ଯାହାକି ତାଙ୍କର ମନୋବଳକୁ ବୃଦ୍ଧି କରିବାରେ ସକ୍ଷମ ହେବ ।ଆମକୁ ମନେ ରଖିବାକୁ ହେବ ଯେ, କେବଳ କରୋନା ପରି ମହାମାରୀ ନୁହେଁ , ସବୁ ସମୟରେ ସେମାନଙ୍କର ଆବଶ୍ୟକତା ରହିଛି। କାରଣ ଈଶ୍ୱର ସିନା ଜନ୍ମ ଦିଅନ୍ତି, କିନ୍ତୁ ଡାକ୍ତର ଜୀବନ ରକ୍ଷା କରନ୍ତି। ସେଥିପାଇଁ ସେମାନେ ଦ୍ୱିତୀୟ ଈଶ୍ୱର।

ସଭାପତି
ସାରସ୍ୱତ ପରିଷଦ,ଜଗତସିଂହପୁର
ମୋ-୯୯୩୭୧୫୧୦୫୨




# ଜଙ୍ଗଲ ବିଭାଗ କର୍ମଚାରୀଙ୍କ ମାଡ଼ରେ ଆହତ ଶୁକମତୀ ଗୁରିଆଙ୍କୁ ୨ଲକ୍ଷ ଟଙ୍କା କ୍ଷତି ପୂରଣ ବାବଦରେ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କଲେ ଏନଏଚଆରସି

ବାରିପଦା : ଗତ ୨୦୨୦ ଫେବୃଆରୀ ୨୦ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଧୀନ ବାରହା ପାନପୋଷି ଗ୍ରାମର ଗର୍ଭବତୀ ମହିଳା ଶୁକମତୀ ଗୁରିଆଙ୍କୁ କାଠ ଚୋରୀ ଯାଞ୍ଚ ଆଳରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ମାଡ଼ ମାରିବା, ମାଡ଼ରେ ତାଙ୍କର ହାତ ଭାଙ୍ଗିଯିବା ଓ ତାଙ୍କ ଗର୍ଭରେ ଯନ୍ତ୍ରଣା ହେବା ଆଦି ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ ପକ୍ଷରୁ ଓଡ଼ିଶା ସରକାରଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ୨୦୨୧ ଜୁଲାଇ ୧୫ରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଉକ୍ତ ନୋଟିସରେ ଶୁକମତୀ ଗୁରିଆଙ୍କ ମାନବ ଅଧିକାର ଉଲ୍ଲଂଘନ ହୋଇଥିବାରୁ କାହିଁକି ତାଙ୍କୁ କ୍ଷତିପୂରଣ ବାବଦକୁ ୨ ଲକ୍ଷ ଟଙ୍କା ଦିଆଯିବ ନାହିଁ, ତାହା ଦର୍ଶାଇବାକୁ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବ ଅଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆସନ୍ତା ୬ ସପ୍ତାହ ମଧ୍ୟରେ ନୋଟିସର ଜବାବ ଦାଖଲ କରିବାକୁ ତାଗିଦ କରିଛନ୍ତି । ଖବରର ବିବରଣୀରୁ ପ୍ରକାଶ, ଗତ ୨୦୨୦ ଫେବୃଆରୀ ୨୦ରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଧୀନ ବାରହା ପାନପୋଷି ଗ୍ରାମର ଗର୍ଭବତୀ ମହିଳା ଶୁକମତୀ ଗୁରିଆଙ୍କୁ କାଠ ଚୋରୀ ଯାଂଚ ଆଳରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ମାଡ଼ ମାରିବା, ମାଡ଼ରେ ତାଙ୍କର ହାତ ଭାଙ୍ଗିଯିବା ଓ ତାଙ୍କ ଗର୍ଭରେ ଯନ୍ତ୍ରଣା ହେବା ଆଦି ଘଟଣାକୁ ନେଇ ଭବାନୀପାଟଣାର ମାନବିକ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପିଡ଼ିତା ଶୁକମତୀ ଗୁରିଆଙ୍କୁ ନ୍ୟାୟ ଦେବା ସାଙ୍ଗକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବୀ କରିବା ପରେ କମିଶନର ଏହି ମାମଲାକୁ ନେଇ କେଶ ନମ୍ବର ୧୦୬୬/୧୮.୦୯.୨୦୨୦ରେ ପଞ୍ଜିକରଣ କରାଇ ଜଙ୍ଗଲ ବିଭାଗ ମୁଖ୍ୟ ବନ ସଂରକ୍ଷକ ଓ ମୟୂରଭଞ୍ଜ ପୁଲିସ ଅଧିକ୍ଷକଙ୍କ ନିକଟରୁ ରିପୋର୍ଟ ତଲବ କରିଥିଲେ । ମୟୂରଭଞ୍ଜ ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୁକ୍ତ ବନ ବିଭାଗର କର୍ମଚାରୀ କବିତା ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସାଙ୍ଗକୁ ତାଙ୍କ ନାମରେ କରଞ୍ଜିଆ ଥାନାରେ ଭାରତୀୟ ଦଣ୍ଡବିଦି ଆଇନ ଧାରା ୨୯୪, ୩୪୧, ୩୨୩,୩୨୫ ଓ ଧାରା ୩୪ ଅନୁଯାୟୀ କେଶ ନମ୍ବର ୨୭ରେ ମାମଲା ରୁଜୁ କରାଯାଇ ଚାର୍ଯ୍ୟସିଟ ଦାଖଲ ହୋଇଥିବାର ରିପୋର୍ଟ ପହଂଚିଥିଲା । ସେହିପରି ଜଙ୍ଗଲ ବିଭାଗ ମୁଖ୍ୟ ବନ ସଂରକ୍ଷକ ଦାଖଲ କରିଥିବା ରିପୋର୍ଟରେ ବେନିୟମ କାର୍ଯ୍ୟକଳାପ, କର୍ତବ୍ୟରେ ଅବହେଳା ଓ କ୍ଷମତାର ଅପବ୍ୟବହାର କରିଥିବା କାରଣରୁ ଫରେଷ୍ଟ ଗାର୍ଡ଼ କବିତା ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ଓ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ବନ ମୁଖ୍ୟ ଗତ ୨୦୨୦ ଅକ୍ଟୋବର ୨୮ରେ ଚୁଡ଼ାନ୍ତ ନିଷ୍ପତି ଅନୁସାରେ ଫରେଷ୍ଟ ଗାର୍ଡ଼ କବିତା ବେହେରାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବାର ଦର୍ଶାଯାଇଛି । ଏହି ସମସ୍ତ ରିପୋର୍ଟକୁ ତର୍ଜମା କରି ମାନବାଧିକାର କମିଶନଦର୍ଶାଇଛନ୍ତି ଯେ, ଫରେଷ୍ଟ ଗାର୍ଡ଼ କବିତା ବେହେରା ଜଣେ ସରକାରୀ କର୍ମଚାରୀ ହୋଇ କ୍ଷମତାର ଅପବ୍ୟବହାର କରି ଗର୍ଭବତୀ ଶୁକମତୀ ଗୁରିଆଙ୍କୁ ମାଡ଼ ମାରିବା ଏବଂ ତାଙ୍କ ଜୀବନ ପ୍ରତି ଆଂଚ ଆଣିଥିବାରୁ ଏହା ମାନବ ଅଧିକାରର ଉଲ୍ଲଙ୍ଘନ ଏବଂ ରାଜ୍ୟ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଉତରଦାୟୀ ଅଟନ୍ତି । ଏଣୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପାଇବା ପାଇଁ ଶୁକମତୀ ଗୁରିଆ ହକ୍‌ଦାର । ମୁଖ୍ୟ ଶାସନ ସଚିବ ଏ ସମ୍ବନ୍ଧରେ ୬ ସପ୍ତାହ ମଧ୍ୟରେ ସରକାରଙ୍କ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରନ୍ତୁ ବୋଲି ନୋଟିସ ଜାରି କରାଯାଇଥିବାର ଜଣାପଡ଼ିଛି ।

## ୪୧ କିଗ୍ରା ଗଞ୍ଜେଇ ଜବତ ବାଇକ ସହ ଦୁଇଗିରଫ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ପୋଲିସ ଗୋଟିଏ ବାଇକ ଯୋଗେ ବାହାରକୁ ଚାଲାଣ ହେଉଥିବାବେଳେ ୪୧ କିଗ୍ରା ଗଞ୍ଜେଇ ଜବତ କରିବା ସହିତ ଗୋଛାପଡା ଅଂଚଳର ୨ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ଗୋଛାପଡ଼ା ଥାନା ପୋଲିସ ପାଟ୍ରୋଲିଙ୍ଗ ବେଳେ ଏକ ବାଇକ(ଓଡି-୦୨ ଡି-୧୬୦୧)ରେ ଦୁଇଜଣ ଗଞ୍ଜେଇ ନେଇ ମୁସେଲିପଙ୍ଗାରୁ ଫୁଲବାଣୀ ଆଡକୁ ଯାଉଥିବା ଜଣିପାରି ଗାଡିକୁ ଅଟକାଇ ତଲାସି କରିବାବପରେ ସେଥିରୁ ୪୧ କିଗ୍ରା ଗଞ୍ଜେଇ ମିଳିଥିଲା । ପୋଲିସ ଏହି ଗଞ୍ଜେଇକୁ ଜବତ କରିବା ସହିତ ବାଇକରେ ଥିବା ମୁସେଲିପଙ୍ଗା ଦାଂଶପାଲି ଗ୍ରାମର ଚନ୍ଦନ ଦିଗାଲ ଏବଂ ସଲାଗୁଡା ଅଂଚଳର ଟୁନା ଦିଗାଲଙ୍କୁ ଗିରଫ କରିଛି ପୋଲିସ । ଏହି ସଂକ୍ରନ୍ତରେ ଗୋଛାପଡା ଥାନାରେ ଏକ ମାମଲା ୫୧/୨୧ ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଆଜି ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି ।

# ବାରିପଦାରେ ୬ ଘଂଟିଆ ଓଡ଼ିଶା ବନ୍ଦ ସଫଳ

ବାରିପଦା : କରୋନା ମହାମାରୀ ଜନସାଧାରଣଙ୍କ ଜୀବନ ଜୀବୀକାକୁ ବିଶେଷ ଭାବେ ପ୍ରଭାବିତ କରାଇବା ସଂଗେସଂଗେ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବା କାରଣରୁ କ୍ରୟ ଶକ୍ତି ହ୍ରାସ ଘଟିଛି । ଏହି ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଶ ଓ ରାଜ୍ୟରେ ବିକାଶର ଦ୍ୱାହି ଦେଇ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଆଦି ଉପରେ ଟିକସ ବୃଦ୍ଧିର କୁପ୍ରଭାବ ମାଲ ଓ ଯାତ୍ରୀ ପରିବହନ ବ୍ୟବସ୍ଥା ଉପରେ ସିଧାସଳଖ ଭାବେ ପ୍ରତିଫଳିତ ହୋଇଛି । ପେଟ୍ରୋଲିୟମ ଜାତ ସାମଗ୍ରୀ ସହିତ ଖାଦ୍ୟ ତେଲ ମୂଲ୍ୟବୃଦ୍ଧି ସାଙ୍ଗକୁ ଆଳୁ, ପିଆଜ, ଖାଦ୍ୟ ଆଦି ୨୩ଟି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଯାଇଛି । ଏପରିକି ଜୀବନ ରକ୍ଷାକାରୀ ଔଷଧଗୁଡ଼ିକ ମଧ୍ୟ ବାଦ ଯାଇ ନାହିଁ । ବିଶେଷ କରି କେନ୍ଦ୍ର ସରକାର ବିଭିନ୍ନ କମ୍ପାନୀମାନଙ୍କର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଚାଲିଛନ୍ତି । ଫଳରେ ପ୍ରତ୍ୟେକ ବର୍ଷ ବଜାର ମୂଲ୍ୟ ୭୦ରୁ ୮୦ ପ୍ରତିଶତ ହାରରେ ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରତିବାଦରେ ବାମପନ୍ଥୀ ସାମୁଖ୍ୟ ଆଜି ରାଜରାସ୍ତାକୁ ଓହ୍ଲାଇ ଆସିଥିବା ବେଳେ କଂଗ୍ରେସ ଏଥିରେ ସାମିଲ ହୋଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜେଲ ଓ ପେଟ୍ରୋଲ ଉପରୁ ଅବକାରୀ ଶୁଳ୍କ ଓ ଭାଟକୁ ହ୍ରାସ କରାଇବା ସାଙ୍ଗକୁ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟକୁ ହ୍ରାସ କରାଇବା ଓ ମୂଲ୍ୟ ବୃଦ୍ଧିକୁ ଲଗାମ ଭିଡ଼ି ନିୟନ୍ତ୍ରଣକୁ ଆଣିବା, କଳାବଜାରୀ ଓ ବେଆଇନ ମହଜୁଦକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀରେ ବାମ ସାମୁଖ୍ୟ ଆହ୍ୱନ ଓ କଂଗ୍ରେସର ସମର୍ଥନରେ ଜୁଲାଇ ୧୫ ସକାଳ ୬ରୁ ୧୨ ପର୍ଯ୍ୟନ୍ତ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରାଯାଇଛି । ଏହି ବନ୍ଦ ଡ଼ାକରା ମୟୂରଭଞ୍ଜ ଜିଲ୍ଲାରେ ସଫଳ ହୋଇଛି ଏବଂ ଜିଲ୍ଲାବାସୀ ସ୍ୱତପ୍ରବୃତ ଭାବେ ସମର୍ଥନ ଜଣାଇ ବନ୍ଦକୁ ସଫଳ କରାଇଛନ୍ତି ବୋଲି ସିପିଏମର ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀ, ସିପିଆଇର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଜିଲ୍ଲା କଂଗ୍ରେସ କମିଟିର ସଭାପତି ହେମନ୍ତ ଦାସ ପ୍ରମୁଖ ଦାବୀ କରିଛନ୍ତି । ଆଜି ସକାଳ ୬ରେ ବାରିପଦା ସହର ମଧ୍ୟ ଦେଇଯାଇଥିବା ୧୮ ନମ୍ବର ଜାତୀୟ ରାଜପଥର ପାଲବଣି ବାଇପାସ ନିକଟରେ ସିପିଏମ, ସିପିଆଇ ଓ କଂଗ୍ରେସର କର୍ମୀମାନେ ରାଜପଥକୁ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଯାତାୟତ କରିନପାରି ଅଟକି ରହିଥିଲା । ଏହାପରେ ଷ୍ଟେସନ ଛକରୁ ସିପିଆଇର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଏମର ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀ, ସିଆଇଟିୟୁର ଅମଲ ଦେ, କଂଗ୍ରେସର ଜିଲ୍ଲା ସଭାପତି ହେମନ୍ତ ଦାସ ଓ ବାରିପଦା ନଗର ସଭାପତି ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଏଆଇଟିୟୁସିର କାହ୍ନୁଚରଣ ବେହେରା, କଂଗ୍ରେସର ବରିଷ୍ଠ ନେତା ବିଜନ ଦାସ, ଜ୍ୟୋତି ପ୍ରକାଶ ରଥ, ସ୍ୱରୂପ ମିଶ୍ର, ଅରବିନ୍ଦ ଦାସ, ମହିଳା ନେତ୍ରୀ ସସ୍ମିତା ଘୋଷାଲ, କୌଶିକ ମିଶ୍ର, ଶ୍ରୀକାନ୍ତ ସାମଲ, ସୁଦର୍ଶନ ରାଉଳ, ହଳଧର ପରିଡ଼ା, ନାଥ ସିଂ, ଦେବେନ୍ଦ୍ର ନାଥ କୁଣ୍ଡୁ, ମହେଶ୍ୱର ବେହେରା, କୁଞ୍ଜଲତା ମହାନ୍ତ, ଅନୁପମା ପାତ୍ର,ତାରାକାନ୍ତ ବେହେରା, ମୋତି ପ୍ରକାଶ ଦାଶ, ବୁଧୁରାମ ସିଂ, କାଲୁ ଦେହୁରୀ, ରଶ୍ମୀତା ମିଶ୍ର, ପ୍ରଦୀପ ମିଶ୍ର, ମାଳତୀ ମହାନ୍ତ, କ୍ଷୀତିଶ ସାସମଲ, ସେକ ରିଜୁଆନ, ରତନ ଶର୍ମା, ପ୍ରଫୁଲ୍ଲ ମହାନ୍ତି, ଶକ୍ତିପଦ ସାହୁ, ନିର୍ମଳ ପ୍ରଧାନ, ଛୁଟୁରାମ ବିନ୍ଧାଣି, ଉକ୍ଳକ୍ଳଳ ସାମଲ, ଦାମୋଦର ମୁର୍ମୁ, ସଞ୍ଜୟ ଜେନା, ମନଗୋବିନ୍ଦ ପାଣିଗ୍ରାହୀ, ଇତିଶ୍ରୀ ମିଶ୍ର, ଶୁଭସ୍ମିତା ବେହେରା, ରେବତୀ ମହାନ୍ତ, ଗେହ୍ଲି ମହାନ୍ତ, ବାସନ୍ତୀ ଦେହୁରୀ, କୁଞ୍ଜଲତା ମହାନ୍ତ, ବୀଣା ମହାନ୍ତ, ସରୋଜ ନାଏକ, ରବି ପ୍ରଧାନ, ମାର୍କଣ୍ଡ ବେହେରା, ମାନୁ ନାଏକ, ପ୍ରମିଳା ମହାନ୍ତ ପ୍ରମୁଖ ଶତାଧିକ ନେତା, କର୍ମୀ ଓ ସମର୍ଥକମାନେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ପ୍ରତିବାଦ ପ୍ରଦର୍ଶନ କରିବା ସାଙ୍ଗକୁ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ସମ୍ମୁଖରେ ପିକେଟିଂ ଆରମ୍ଭ କରିଥିଲେ ।

# ଟିମ୍ ହ୍ୟୁମାନିଟି କନ୍ଧମାଳର ପ୍ରଚେଷ୍ଟାରେ ପୁଣି ଚାଲିବାକୁ ସକ୍ଷମ ହୋଇଛନ୍ତି ସୋନାଲୀ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୂଆପଦର ପଂଚାୟତ ଅନ୍ତର୍ଗତ ବରପଡା ଗ୍ରାମର ସୋନାଲୀ ସାହାଣୀ,କୌଣସି କାରଣ ବଶତଃ ଦେହର ଜଂଘ ଅଂଶ ଗଭୀର ଭାବରେ ପୋଡି ଯାଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ପ୍ରଥମେ ଫୁଲବାଣୀ ଏବଂ ପରେ ବ୍ରହ୍ମପୁର ଯାଇ ଚିକିତ୍ସା କରାଇଥିଲେ । ଡାକ୍ତର ପ୍ଲାଷ୍ଟିକ ସର୍ଜରୀ ହେବା କଥା କହିଥିଲେ । ସେଥିପାଇଁ ଅର୍ଥ ତାଙ୍କ ପରିବାର ପାଇଁ ବାଧକ ସାଜିଥିଲା । ଶେଷରେ ନିରୁପାୟ ହୋଇ ପୁନଃ ନିଜ ଗ୍ରାମକୁ ଫେରି ଆସିଥିଲେ । କୌଣସି ସୁତ୍ରୁ ଖବର ପାଇ ତାଙ୍କ ପିତା ଟିମ୍ ହ୍ୟୁମାନିଟ୍ କନ୍ଧମାଳକୁ ନିଜ ଅସହାୟ ଝିଅ ସୋନାଲୀ ବିଷୟରେ ଜଣାଇଥିଲେ । ଖବର ପାଇ ଟିମ୍ ସଦସ୍ୟ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କ ଘରେ ପହଂଚି ଥିଲେ । ଏବଂ ସମସ୍ତ ବିଷୟ ପଚାରି ବୁଝି ସୋନାଲୀଙ୍କ ଉପଯୁକ୍ତ ଚିକିତ୍ସା କରାଇବା ପାଇଁ ପ୍ରତିଶୃତି ଦେଇଥିଲେ । ଟିମ୍ ତରଫରୁ ପ୍ରାଥମିକ ଅବସ୍ଥାରେ କିଛି ଔଷଧ ବ୍ୟବସ୍ଥା କରାଯାଇଥିଲା । ତପ୍ପରେ ଟିମ୍ ତରଫରୁ ସମସ୍ତ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଆର୍ଥିକ ସାହାଯ୍ୟ ପାଇଁ ଏକ ମିଳିତ ଉଦ୍ୟମ କରାଯାଇଥିଲା ।ଜିଲ୍ଲା ପ୍ରଶାସନ ଜିଲ୍ଲାର ଆପାତ କାଳୀନ ଅଫିସର, ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷ କନ୍ଧମାଳ ଜିଲ୍ଲା ଜନସାଧାରଣ ତଥା ରାଜ୍ୟ ବାହାରୁ ବହୁତ ଆର୍ଥିକ ସହାୟତା ଆସି ପହଂଚିଥିଲା । ଟିମ୍‌ର ପ୍ରଚେଷ୍ଟା ଦ୍ୱାରା କିଛିଦିନ ଭିତରେ ହିଁ ସୋନାଲୀଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଦୁଇଦିନ ପରେ ପରବର୍ତି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତି କରାଗଲା । ଏହି ଗୁରୁତ୍ୱପୁର୍ଣ୍ଣ ଚିକିତ୍ସା ପାଇଁ ଟିମର ସମସ୍ତ ସଦସ୍ୟ ସଦସ୍ୟା ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ । ତନ୍ମଧ୍ୟରୁ ଭି.ଜଗନ୍ନାଥ ରାଜୁ, ହିମାଂଶୁ ନାୟକ, ପ୍ରଶାନ୍ତ ସେନାପତି, ଆଲୋକ କୁମାର ବିଶୋୟୀ,ପ୍ରଫୁଲ କୁମାର ପୃଷ୍ଟି, ଅନୁପ ବିକ୍ରମ ପାତ୍ର, ସାଇରାମ ପାତ୍ର, ସସ୍ମିତା ସାହୁ, ସାଇ ପ୍ରସାଦ ପାଢ଼ୀ ପ୍ରମୁଖ ଆରମ୍ଭ ଦିନଠାରୁ ଭୁବନେଶ୍ୱର ନେବା ପର୍ଯ୍ୟନ୍ତ ନିରନ୍ତର ଚେଷ୍ଟା ଜାରି ରଖିଥିଲେ । ଅନ୍ୟ ଜଣେ ଟିମ୍ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି (ବନ ଭାଇ) ଯାହାଙ୍କ ପାଇଁ ଆଜି ଭୁବନେଶ୍ୱର ଏମ୍ସ ହସପିଟାଲର ଏକ ବିଶିଷ୍ଟ ଡାକ୍ତରଙ୍କ ସହ ଯୋଗାଯୋଗ କରି କେମିତି ସବୁ ଭଲରେ ଯାଥା ଶିଘ୍ର ପ୍ଲାଷ୍ଟିକ ସର୍ଜରୀର ଚିକିତ୍ସା ହୋଇପାରିବ ସେନେଇ ପୁରା ଦାୟୀତ୍ୱ ସହ ସୋନାଲୀଙ୍କ ଚିକିତ୍ସା କରାଇଥିଲେ । ଉଭୟଙ୍କ ଇଚ୍ଛା ଆଉ ନିରନ୍ତର ଆନ୍ତରିକ ଉଦ୍ୟମ ଜାରି ରହିଥିଲା କେମିତି ଏ ଉଦ୍ୟମ ସଫଳ ହେବ ।ଚିକିତ୍ସା କରିଥିବା ସେହି ତିନି ଡାକ୍ତରଙ୍କ ସହଯୋଗ ପାଇଁ ଟିମ ହ୍ୟୁମାନିଟି କନ୍ଧମାଳର ଏହି ଉଦ୍ୟମ ଆଜି ସମ୍ପୁର୍ଣ୍ଣ ଭାବେ ସଫଳ ହୋଇଛି । ବର୍ତମାନ ସୋନାଲୀ ପୂର୍ବପରି ଚାଲିବାକୁ ସକ୍ଷମ ହୋଇପାରିଛନ୍ତି ।ଟିମ୍ ହ୍ୟମାନିଟି ସଦସ୍ୟ ସଦସ୍ୟା ସେହି ଡାକ୍ତରଙ୍କ ପାଖରେ ଚୀର ଋଣୀ ବୋଲି ଟିମ୍ ଆବାହକ ଭି. ଲୋକନାଥ ରାଜୁ ସୁଚନା ଦେଇଛନ୍ତି ।

# ଭାରତରେ କୋଭିଡ-୧୯ ଟିକାକରଣ ୩୯ କୋଟିର ମାଇଲଖୁଂଟକୁ ଅତିକ୍ରମ କଲା

ନୂଆଦିଲ୍ଲୀ: ଭାରତରେ କୋଭିଡ-୧୯ ଟିକାକରଣ ୩୯ କୋଟିର ମାଇଲଖୁଂଟକୁ ଅତିକ୍ରମ କରିସାରିଛି । ଆଜି ସକାଳ ୭ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ୪୯,୪୧,୫୬୭ ସେସନରେ ମୋଟ ୩୯,୧୩,୪୦,୪୯୧ ଡୋଜ୍ ଟିକା ଦିଆଯାଇଛି । ଗତ ୨୪ ଘଂଟା ମଧ୍ୟରେ ୩୪,୯୭,୦୫୮ ଡୋଜ୍ ଟିକା ଦିଆଯାଇଛି । ୨୦୨୧ ଜୁନ୍ ୨୧ ତାରିଖରେ ଦେଶରେ କୋଭିଡ-୧୯ ଟିକାକରଣର ନୂତନ ସରଳୀକରଣ ପର୍ଯ୍ୟାୟ ଆରମ୍ଭ ହୋଇଛି । ଦେଶବ୍ୟାପୀ କୋଭିଡ-୧୯ ଟିକାକରଣକୁ ବ୍ୟାପକ ଓ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ପ୍ରତିବଦ୍ଧ ।ମହାମାରୀ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ଦେଶରେ ମୋଟ ୩,୦୧,୪୩,୮୫୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଗତ ୨୪ ଘଂଟାରେ ୩୯,୧୩୦ ଜଣ ଆକ୍ରାନ୍ତ ସୁସ୍ଥହୋଇଛନ୍ତି । ଏହା ଫଳରେ ଦେଶରେ ମୋଟ ସୁସ୍ଥତା ହାର ୯୭.୨୮%କୁ ବୃଦ୍ଧି ପାଇଛି ଏବଂ ଏହା ଉର୍ଦ୍ଧ୍ୱମୁଖୀ ରହିଛି ।ଭାରତରେ ଗତ ୨୪ ଘଂଟାରେ ୪୧,୮୦୬ ନୂଆ କରୋନା ମାମଲା ଚିହ୍ନଟ ହୋଇଛି ।ଗତ ୧୮ ଦିନ ଧରି ଦେଶରେ ଦୈନିକ ନୂଆ ସଂକ୍ରମଣ ୫୦ ହଜାର ତଳେ ରହିଛି । ଏହା କେବଳ କେନ୍ଦ୍ର ସରକାର ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରମାନଙ୍କ ମିଳିତ ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇପାରିଛି ।ଭାରତରେ ସକ୍ରିୟ କରୋନା ମାମଲା ୪,୩୨,୦୪୧ ରହିଛି ଏବଂ ଦେଶର ମୋଟ ପଜିଟିଭି ମାମଲାର ଏହା ୧.୩୯% ।ଦେଶବ୍ୟାପୀ ଟେଷ୍ଟିଂ କ୍ଷମତା ବୃଦ୍ଧି କରାଯାଇଥିବା ବେଳେ ଗତ ୨୪ ଘଂଟା ମଧ୍ୟରେ ଦେଶରେ ୧୯,୪୩,୪୮୮ ଟେଷ୍ଟ କରାଯାଇଛି । ଭାରତରେ ଏ ପର୍ଯ୍ୟନ୍ତ ମୋଟ ୪୩.୮୦ କୋଟି (୪୩,୮୦, ୧୧,୯୫୮)ରୁ ଅଧିକ ଟେଷ୍ଟ କରାଯାଇଛି ।ଏକ ପକ୍ଷରେ ଦେଶରେ ଟେଷ୍ଟିଂ କ୍ଷମତା ବୃଦ୍ଧି ହୋଇଥିବା ବେଳେ ଅନ୍ୟ ପକ୍ଷରେ ସାପ୍ତାହିକ ପଜିଟିଭିଟି ହାର କ୍ରମାଗତ ଭାବେ ହ୍ରାସ ପାଉଥିବା ପରିଲକ୍ଷିତ ହୋଇଛି । ସାପ୍ତାହିକ ପଜିଟିଭିଟି ହାର ଏବେ ୨.୨୧% ଥିବା ବେଳେ ଦୈନିକ ପଜିଟିଭିଟି ହାର ଏବେ ରହିଛି ୨.୧୫% । ଗତ ୨୪ ଦିନ ଧରି ଦୈନିକ ପଜିଟିଭିଟି ହାର ୩%ରୁ କମ୍ ରହିଥିବା ବେଳେ ଗତ ୩୮ ଦିନ ଧରି ଏହା ୫% ତଳେ ରହିଛି ।

# ମହଙ୍ଗା ମାଡ ଲୋକଙ୍କ ଅଣ୍ଟା ଭାଙ୍ଗି ସାରିଲାଣି : ସୁସ୍ମିତା ଦେବ



ଭୁବନେଶ୍ୱର : ପେଟ୍ରୋଲ, ଡିଜେଲ୍ ଓ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ଏବଂ କେନ୍ଦ୍ର ସରକାରଙ୍କର ପେଟ୍ରୋଲ୍ ଓ ଡିଜେଲ୍ ଉପରୁ ଅତ୍ୟଧିକ କେନ୍ଦ୍ରୀୟ ଶୁଳ୍କ ଆଦାୟ କରିବା ଏବଂ ପେଟ୍ରୋଲ, ଡିଜେଲ୍ ଉପରେ ବହୁ ପରିମାଣରେ ସେସ୍ ଓ ସରଚାର୍ଜ ବସାଇବା ଯୋଗୁଁ ଆଜି ସାରା ଭାରତ ବର୍ଷରେ ୨୪ଟି ରାଜ୍ୟରେ ପେଟ୍ରୋଲ୍‌ର ଦାମ୍ ୧୦୦ ଟଙ୍କା ଅତିକ୍ରମ କରିସାରିଥିଲା ବେଳେ ଡିଜେଲ୍ ସେଞ୍ଚୁରି ମାରିବାକୁ ବସିଲାଣି । ଆଜି ପ୍ରଦେଶ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ଅଖିଳ ଭାରତୀୟ ମହିଳା କଂଗ୍ରେସର ସଭାନେତ୍ରୀ ତଥା ରାଷ୍ଟ୍ରୀୟ ମୁଖପାତ୍ର ସୁସ୍ମିତା ଦେବ ସାମ୍ବାଦିକମାନଙ୍କୁ ଏହି ସୂଚନା ଦେଇ କହିଛନ୍ତି ଯେ, କରୋନା ମହାମାରୀର ମୁକାବିଲାରେ ସରକାର ବିଫଳ ହୋଇଥିବାବେଳେ କରୋନା ଆଳରେ ମହଙ୍ଗାମାଡ଼ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଛି । ଆଜି ସାରା ଭାରତ ବର୍ଷରେ ୨୪ କୋଟିରୁ ଉର୍ଦ୍ଧ୍ୱ ଲୋକ ଯେଉଁମାନେ କି କଂଗ୍ରେସ ସରକାର ସମୟରେ ୨୦୦୪ ରୁ ୨୦୧୪ ମସିହା ଭିତରେ ଦାରିଦ୍ର୍ୟ ସୀମାରେଖାରୁ ତାଙ୍କୁ ଉପରକୁ ଉଠାଯାଇଥିଲା । ଆଜି ମୋଦି ସରକାରଙ୍କର ଭୁଲ୍ ନିଷ୍ପତ୍ତି ଓ ଅର୍ଥନୀତିକୁ ପରିଚାଳନା କରିବାରେ ବିଫଳତା ଯୋଗୁଁ ସେହି ୨୪ କୋଟି ଲୋକ ପୁଣି ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯାଇଛନ୍ତି । ସେଣ୍ଟର ଫର ମନିଟରିଙ୍ଗ୍ ଅଫ୍ ଇଣ୍ଡିଆ ଇକୋନୋମି (ସି.ଏମ୍.ଆଇ.ଇ.) ର ପରିସଂଖ୍ୟାନ ଅନୁସାରେ ଏହି ଦ୍ୱିତୀୟ ଲହରରେ ପାଖାପାଖି ୨ କୋଟିରୁ ଅଧିକ ଲୋକ ସମ୍ପୂର୍ଣ୍ଣ ଭାବରେ ତାଙ୍କର ରୋଜଗାର ହରାଇ ସାରିଛନ୍ତି । ଏପରିକି ପାଖାପାଖି ୯୭% ଭାରତୀୟମାନଙ୍କର ରୋଜଗାର ବହୁ ପରିମାଣରେ ହ୍ରାସ ଘଟିଛି । ଏପରିସ୍ଥଳେ ମୋଦି ସରକାର ପେଟ୍ରୋଲ୍ ଉପରକୁ ଟ. ୩୨.୯୦ ପଇସା କେନ୍ଦ୍ରୀୟ ଟିକସ ଆଦାୟ କରୁଥିଲା ବେଳେ ଡିଜେଲ୍ ଉପରେ ଟ.୩୧.୮୦ ପଇସା ଆଦାୟ କରୁଛନ୍ତି । କିନ୍ତୁ କଂଗ୍ରେସ ସରକାର ସମୟରେ ପେଟ୍ରୋଲ୍ ଉପରୁ ଟ.୯.୫୮ ପଇସା ଓ ଡିଜେଲ୍ ଉପରୁ ଟ.୩.୮୦ପଇସା ଆଦାୟ କରୁଥିଲା । ଏହି ଦୀର୍ଘ ୭ ବର୍ଷ ଭିତରେ ମୋଦି ସରକାର କେବଳ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରୁ ୨୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଆୟ କରିଛନ୍ତି । କିନ୍ତୁ ଏହି ଟଙ୍କା ଦେଶରେ କେଉଁ ବାବଦରେ ଖର୍ଚ୍ଚ ହୋଇଛି, ତାହାର ହିସାବ ଏପର୍ଯ୍ୟନ୍ତ ମୋଦି ସରକାର ଦେଶବାସୀଙ୍କ ସମ୍ମୁଖରେ ରଖିଲେ ନାହିଁ । ଖାଲି ସେତିକି ନୁହେଁ କେବଳ ସେସ୍ ଓ ସରଚାର୍ଜରୁ ମୋଦି ସରକାର ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପେଟ୍ରୋଲ୍ ଓ ଡିଜେଲ୍ ଉପରୁ ଆୟ କରିଛନ୍ତି । ସର୍ବଭାରତୀୟ କଂଗ୍ରେସ ସଭାନେତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ରାହୁଲ ଗାନ୍ଧୀଙ୍କ ଦିଗ୍‌ଦର୍ଶନରେ ଆଜି ସାରା ଭାରତ ବର୍ଷରେ କଂଗ୍ରେସ ଦଳ ଅହେତୁକ ଦର ବୃଦ୍ଧି ଓ ଖାଉଟି ମୁଦ୍ରାସ୍ଫିତୀ ଜନିତ ସମସ୍ୟାକୁ ନେଇ ବିଭିନ୍ନ ପର୍ଯ୍ୟାୟରେ ଜନଆନ୍ଦୋଳନ କରିଚାଲିଛି । ୨୦୧୩ ଓ ୧୪ ମସିହା ପୂର୍ବରୁ ଶ୍ରୀ ନରେନ୍ଦ୍ର ମୋଦି ସେତେବେଳର କଂଗ୍ରେସ ସରକାରକୁ ତାଚ୍ଛଲ୍ୟ କରି କହିଥିଲେ ବହୁତ ହୁଆ ମହଙ୍ଗାଇକା ମାର ଅବ୍ କି ବାର୍ ମୋଦି ସରକାର ଏବଂ କାହିଁକି ପେଟ୍ରୋଲ୍ ଡିଜେଲ୍‌ର ଦାମ୍‌ର ବୃଦ୍ଧି ଘଟୁଛି ସେ ବାବଦରେ ପ୍ରଶ୍ନ କରିଥିଲେ । ଖାଲି ସେତିକି ନୁହେଁ କଂଗ୍ରେସ ସରକାରଙ୍କ ପ୍ରଧାନମନ୍ତ୍ରୀଙ୍କୁ ଅପାରଗ ବୋଲି ସାଧାରଣରେ କହିବାକୁ ପଛାଇ ନଥିଲେ । ୨୦୧୪ ମସିହା ଅର୍ନ୍ତଦେଶୀୟ ବଜାରରେ ତୈଳ ଦର ପାଖାପାଖି ଡଲାର ୧୦୮ ଥିଲା ବେଳେ ପେଟ୍ରୋଲ୍ ପାଖାପାଖି ୬୫ ରୁ ୭୦ଟଙ୍କା ଭିତରେ ମିଳୁଥିଲା । ସେତେବେଳେ ରାଜ୍ୟ ସରକାରମାନେ ପେଟ୍ରୋଲ୍ ଉପରେ ଟ.୩.୦୩ ପଇସା ଭାଟ୍ ପାଉଥିଲେ । କିନ୍ତୁ ଆଜି ଅର୍ନ୍ତଦେଶୀୟ ବଜାରରେ କ୍ରମାନ୍ୱୟରେ ତୈଳ ଦାମ୍ ବହୁ ମାତ୍ରାରେ ହ୍ରାସ୍ ପାଇଛି । ଏପିରିକି ୨୦୨୦ ମସିହା ମଇ ମାସରେ ଏହା ଏକ ବାରେଲ୍ ପିଛା ଡଲାର ୨୦ କୁ ଆସିଥିଲା । ଆଜିମଧ୍ୟ ଏକ ବାରେଲ୍ ପିଛା କଞ୍ଚା ତୈଳର ମୂଲ୍ୟ ୭୨ ଡଲାରରୁ କମ୍ । କିନ୍ତୁ ଆଜି ଭୁବନେଶ୍ୱରରେ ଟ.୧୦୨.୩୬ ପଇସା । ଠିକ୍ ସେହିଭଳି ୨୦୧୪ ମସିହାରେ କଂଗ୍ରେସ ସରକାର ସମୟରେ ୧ ଲିଟର ଡିଜେଲ୍‌ର ମୂଲ୍ୟ ପାଖାପାଖି ୫୭ଟଙ୍କା ଥିଲାବେଳେ ଆଜି ଭୁବନେଶ୍ୱରରେ ଏହା ଟ.୯୭.୫୫ ପଇସା । ଏହି ଦୀର୍ଘ ୭ ବର୍ଷ ଭିତରେ ମୋଦି ସରକାର କଂଗ୍ରେସ ସରକାର ତୁଳନାରେ ପେଟ୍ରୋଲ୍ ଉପରୁ ୩୦୦%ରୁ ଅଧିକ କେନ୍ଦ୍ରୀୟ ଶୁଳ୍କ ଆଦାୟ କରୁଥିଲା ବେଳେ ଡିଜେଲ୍ ଉପରୁ ୮୯୩.୨୫% ଅଧିକ କେନ୍ଦ୍ରୀୟ ଶୁଳ୍କ ଆଦାୟ କରାଯାଉଅଛି । କିନ୍ତୁ ଏବେ ପରିତାପର ବିଷୟ ରାଜ୍ୟମାନେ ୧ ଲିଟର ପେଟ୍ରୋଲ୍ ଉପରୁ ରାଜ୍ୟ ସରକାରମାନେ ୫୭ପଇସା କେନ୍ଦ୍ରୀୟ ଶୁଳ୍କରୁ ରାଜ୍ୟ ଅଂଶଧନ ପାଉଥିଲା ବେଳେ ୧ ଲିଟର ଡିଜେଲ୍ ଉପରେ ମାତ୍ର ୭୪ ପଇସା ପାଉଛନ୍ତି । କିନ୍ତୁ କଂଗ୍ରେସ ସରକାର ସମୟରେ ଟ.୧.୧୪ ପଇସା ରାଜ୍ୟ ଅଂଶଧନ ପାଉଥିଲେ । ଓଡ଼ିଶାରେ ବିଜେଡ଼ି ବିଜେପିର ବି' ଟିମ୍ ଏଭଳି ପରିସ୍ଥିତିରେ ପେଟ୍ରୋଲ୍, ଡିଜେଲ୍‌ର ଦରଦାମ୍ ବୃଦ୍ଧି, ରାଜ୍ୟ ଅଂଶଧନର ଦୃତ ହ୍ରାସ ଏବଂ ଏହାଯୋଗୁଁ ସାଧାରଣ ଜନତାଙ୍କ ଉପରେ ମହାମାରୀ ସମୟରେ ଭାତ ଥାଳି ଉପରେ ମହଙ୍ଗା ମାଡ଼ କେତେ କଷ୍ଟଦାୟକ ଓ ଯନ୍ତ୍ରଣାଦାୟକ ତାହା ଓଡ଼ିଶାର ବିଜେଡି ଚିନ୍ତା କଲାକି ? ବିଜେଡ଼ି-ବିଜେପି ଭାଇ ଭାଇ, କେନ୍ଦ୍ରରେ ବିଜେଡି-ବିଜେପିର 'ବି' ଟିମ୍, ରାଜ୍ୟରେ ଠିକ୍ ଓଲଟା । ଏହି ଦୁଇ ଦଳ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ରାଜନୀତି କରନ୍ତି ନାହିଁ, ଏହା କ୍ୱଚିତ୍ ବ୍ୟବସାୟୀମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ରାଜନୀତି କରନ୍ତି । ସାମ୍ବାଦିକମାନଙ୍କ ଏକ ପ୍ରଶ୍ନର ଉତ୍ତରରେ ସୁସ୍ମିତା ଦେବ କହିଲେ ଯେ ୨୦୦୪ ରୁ ୨୦୧୪ ଭିତରେ କଂଗ୍ରେସ ସରକାର ୧ଲକ୍ଷ ୪୦ ହଜାର କୋଟି ଟଙ୍କା ଅଏଲ୍ ବଣ୍ଡ ଇସ୍ୟୁ କରିଥିଲେ । କିନ୍ତୁ ବିଜେପି ସରକାର ଆଜି ପର୍ଯ୍ୟନ୍ତ ମାତ୍ର ୩୫୦୦ କୋଟି ଟଙ୍କା ଅଏଲ୍ ବଣ୍ଡ ପରିଶୋଧ କରିଛନ୍ତି । ଏହି ତୈଳ ବଣ୍ଡର ସୁଧ ହିସାବରେ ୯୯୮୯.୬୦ କୋଟି ସୁଧ ଆକାରରେ ପ୍ରତିବର୍ଷ ପରିଶୋଧ କରୁଛନ୍ତି । ୨୦୨୧ ଆର୍ଥିକ ବର୍ଷରେ ମାତ୍ର ୧୦ ହଜାର କୋଟି ଟଙ୍କାର ତୈଳ ବଣ୍ଡକୁ ପରିଶୋଧ କରିବାକୁ ଅଛି । ଯଦି ସେହି ସବୁକୁ ହିସାବକୁ ନିଆଯାଏ, ତାହେଲେ ମୋଦି ସରକାର ମାତ୍ର ୭୧ ହଜାର ୧୯୮ କୋଟି ଟଙ୍କାର ତୈଳ ବଣ୍ଡ ଓ ସୁଧ ପୈଠ କରିବେ ୨୦୨୧ ମସିହା ସୁଦ୍ଧା । କିନ୍ତୁ ଏପର୍ଯ୍ୟନ୍ତ ପାଖାପାଖି ୨୫ ଲକ୍ଷ କୋଟି ଟଙ୍କା ରୋଜଗାର କରିସାରିଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କୁ ଏହି ମିଛ ନାଟକବାଜିରୁ ନିଜକୁ ନିବୃତ କରିବା ସହିତ ଅତିଶୀଘ୍ର ପେଟ୍ରୋଲ୍, ଡିଜେଲ୍ ଓ ଜାଳେଣୀ ଗ୍ୟାସର ଦରଦାମ୍ କମାନ୍ତୁ, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରନ୍ତୁ ଓ ଭାରତବର୍ଷର ଜନସାଧାରଣଙ୍କୁ ରକ୍ଷା କରନ୍ତୁ । ଆଜି ମୋଦି ସରକାରଙ୍କର ଅପାରଗତା ଯୋଗୁଁ ଲୋକମାନେ ଏ ମହାମାରୀରେ ଜୀବନ ଜୀବିକା ସହିତ ସଂଘର୍ଷ କରିବାକୁ ପଡୁଛି । ଆଜି ପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଗଲାନାହିଁ । କିଭଳି ଭାବରେ ଭାରତ ବର୍ଷର ପ୍ରତ୍ୟେକ ଜନସାଧାରଣଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଟୀକାକରଣ କରାଯାଇପାରିବ ? ଭାରତୀୟ ଜନତା ପାର୍ଟିର ବିଭିନ୍ନ ନେତୃବର୍ଗମାନେ ବହୁ ସମୟରେ କହୁଛନ୍ତି ରାଜ୍ୟ ସରକାରମାନେ ତାଙ୍କ ଭାଟ୍ କମାଇଲେ ଲୋକମାନଙ୍କୁ ପେଟ୍ରୋଲ୍ ଓ ଡିଜେଲ୍ କମ୍ ଦାମ୍‌ରେ ମିଳିପାରିବ । କିନ୍ତୁ ପ୍ରକୃତ କଥା ହେଲା କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଆଜି ପର୍ଯ୍ୟନ୍ତ ତାଙ୍କର ଜିଏସ୍‌ଟି ପ୍ରାପ୍ୟ ଦେଇପାରୁନାହାଁନ୍ତି । ବହୁ ରାଜ୍ୟମାନଙ୍କରେ ହଜାର ହଜାର କୋଟି ଟଙ୍କା ଜିଏସ୍‌ଟି ବାବଦରେ ବକେୟା ପଡ଼ିରହିଛି । ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ ୨୦୧୩ ମସିହା ସମୟରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ପେଟ୍ରୋଲ୍ ଓ ଡିଜେଲ୍ ଦରକୁ ଯେଉଁମାନେ ବୃଦ୍ଧି କରାଉଛନ୍ତି ସେମାନେ ଦେଶଦ୍ରୋହୀ । ଏବେ ଦେଶ ଦ୍ରୋହୀ ଶ୍ରୀ ମୋଦି ମହାଶୟ ନା କଂଗ୍ରେସ୍ ବୋଲି ପ୍ରଶ୍ନ କରିଛନ୍ତି ? ଏ ମୋଦି ସରକାର ମାତ୍ର ୩% ପୁଞ୍ଜିପତିମାନଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ଆଜକୁ ଦୀର୍ଘ ୭ ବର୍ଷ ଧରି ଅହରହ ଉଦ୍ୟମ କରିଚାଲିଛନ୍ତି । କମ୍ପାନୀ ଟିକସକୁ ୩୫%ରୁ ୨୫%କୁ କମାଗଲା ଏବଂ ତଦ୍ୱାରା କେନ୍ଦ୍ର ସରକାର ୧ଲକ୍ଷ ୪୪ ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଲା । କିନ୍ତୁ ଏହି କ୍ଷତିକୁ ଭରଣା କରିବା ପାଇଁ କ'ଣ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନଗ୍ୟାସର ମୂଲ୍ୟବୃଦ୍ଧି କରି ଏବଂ ଡାଲି, ତେଲ, ଲୁଣ, ଅଟା, ମାଛ, ମାଂସ ଇତ୍ୟାଦି ଉପରେ ଦରଦାମ୍ ବୃଦ୍ଧି କରି ଭରଣା କରିବା ଆଛେ ସରକାରର ଉଦ୍ଦେଶ୍ୟ କି ? ଯେଉଁ ଆଛେଦିନର ସ୍ୱପ୍ନ ଲୋକମାନଙ୍କ ଭିତରେ ବଣ୍ଟାଯାଇଥିଲା, ସେ ଆଛେଦିନ କେଉଁଠି ପହଞ୍ଚିଛି । ଏହା କ'ଣ ଆଛେଦିନ କି ? କଂଗ୍ରେସ ଦଳର ସାଂସଦ ତଥା ଏ.ଆଇ.ସି.ସି. ସମ୍ପାଦକ ସପ୍ତଗିରି ଉଲାଗା କହିଛନ୍ତି ଯେ, ଆସନ୍ତା ମୌସୁମୀ ଅଧିବେଶନରେ ସଂସଦରେ ଦରଦାମ୍ ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ସହିତ ଘମାଘୋଟ୍ ଲଢେଇ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ, ଏ.ଆଇ.ସି.ସି. ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଜି. ରୁଦ୍ର ରାଜୁ, ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ସର୍ବଭାରତୀୟ ମହିଳା କଂଗ୍ରେସର ସମ୍ପାଦିକା ତଥା ଓଡ଼ିଶା ମହିଳା କଂଗ୍ରେସ ପ୍ରଭାରୀ ନୀତା ଡିସୋଜା ପ୍ରମୁଖ ଉପସ୍ଥିତ ଥିଲେ ।

# ମନରେଗା କାମରେ ୩୦୦ ଦିନ କାମ ଯୋଗାଇଦେବା ପାଇଁ ଦାବୀ

ନୂଆପଡା: ନୂଆପଡା ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ଭାବରେ ପରିଚିତ । କାମ ଧନ୍ଦା ଅଭାବରୁ ପ୍ରତିବର୍ଷ ଲକ୍ଷାଧିକ ଲୋକ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯାଇଥାନ୍ତି । ସେଠାରେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ରୋଗାକ୍ରାନ୍ତ ହୋଇଥାନ୍ତି । ଦଲାଲ ଓ ମାଲିକଙ୍କ ଠାରୁ ଅନେକ ନିର୍ଯ୍ୟାତନା ସହି କାମ କରିଥାନ୍ତି । ଯେତେ ଦୁଃଖ କଷ୍ଟ ଆସିଲେ ମଧ୍ୟ ପରିବାର ପ୍ରତିପୋଷଣର ବିକଳ୍ପ ବ୍ୟବସ୍ଥା ନଥିବା ହେତୁ ବାଧ୍ୟ ହୋଇ ସେଠାରେ ପଡି ରହିଥାନ୍ତି । ଭିଟାମାଟିର ମୋହ ସଦାସର୍ବଦା ସେମାନଙ୍କୁ ବ୍ୟତିଥ କରୁଥିଲେ ସୁଦ୍ଧା ପେଟଚାଖଣ୍ଡ ପାଇଁ ସେହି ମୁହଁକୁ ବିସର୍ଜନ ଦେବାକୁ ପଡେ ବୋଲି ସେମାନେ କହନ୍ତି । ସରକାର ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା କଲେ ମଧ୍ୟ ସେମାନଙ୍କ ଜୀବନ ଜୀବିକାର ଉନ୍ନତି ହୋଇପାରୁନାହିଁ । ଲୋକଙ୍କ ପାଇଁ ଏକମାତ୍ର ରୋଜଗାରର ମାଧ୍ୟମ ମନରେଗା ହୋଇଥିବା ସ୍ଥଳେ ମାତ୍ର ୧୦୦ ଦିନ କର୍ମ ଯୋଗାଣର ବ୍ୟବସ୍ଥା ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇପାରୁନାହିଁ । ଗତ ବର୍ଷ ଜିଲାର ପ୍ରତି ଶ୍ରମିକ ପରିବାର ପାଇଁ ୧୦୦ ଦିନର କାର୍ଯ୍ୟ ଦିବସ ଓ ଦୈନିକ ମଜୁରି ୩୦୮ ଟଙ୍କା ଥିବା ବେଳେ ଚଳିତ ବର୍ଷ ୧୦୦ ଦିନ ସହ ଦୈନିକ ମଜୁରୀ ୨୧୫ ଟଙ୍କା ରହିଛି । ଅର୍ଥାତ ଗୋଟିଏ ପରିବାର ବର୍ଷକ ମଧ୍ୟରେ ୧୦୦ ଦିନ କାମ ପାଇଁ ୨୧ ହଜାର ୫୦୦ ଟଙ୍କା ରୋଜଗାର କରିପାରିବ । ଯାହାକି ସମୁଦ୍ର ସଙ୍ଗେ ପାଣି । ନୂଆପଡା ଜିଲ୍ଲାର ଖଡିଆଳ ଅ ଳରେ ଅନେକ ଶ୍ରମିକ ପରିବାର ୧୦୦ ଦିନ କାର୍ଯ୍ୟ ପୁରି ଯାଇଥିବାରୁ ଆଉ କାମ କରି ପାରୁନାହାନ୍ତି ଓ ବେରୋଜଗାରୀ ହୋଇ ବସି ରହିଛନ୍ତି । କରୋନା ପାଇଁ ନା ଲୋକେ ବାହାରକୁ ଯାଇପାରୁଛନ୍ତି ନା ଗାଁ ରେ କାମ ପାଇ ପାରୁଛନ୍ତି । ୧୦୦ ରୁ ୩୦୦ ଦିନ କାମ ଯୋଗାଇବାକୁ ଶ୍ରମିକ ପରିବାର ସହ ଅନେକ ସାମାଜିକ କର୍ମୀ ଦାବୀ କରି ଆସୁଥିଲେ ମଧ୍ୟ ସରକାର ଏପର୍ଯନ୍ତ କୌଣସି ନିଷ୍ପତି ନେଇ ପାରିନାହାନ୍ତି । ଅତିଶିଘ୍ର ଏନେଇ ବିଚାର ନକଲେ ଲୋକେ ପୁଣି ଦଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ଏଥିରେ ଦ୍ୱିମତ ନାହିଁ ।

# ଫିରିଙ୍ଗିଆ ବ୍ଲକରେ ୧୧୬ ଜଣଙ୍କୁ ବିଭିନ୍ନ ଭତା ବଂଟନ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଭତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଫିରିଙ୍ଗିଆ ବ୍ଲକ ଅଂଚଳର ୧୧୬ ଜଣଙ୍କୁ ଭତା ବର୍ଣ୍ଟନ କରିଥିଲେ । ଏଥିରେ ଫିରିଙ୍ଗିଆ ପଂଚାୟତ ସମିତି ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୌତ୍ରୀ ସତ୍‌ପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।






# ଆନନ୍ଦପୁରକୁ ରେଳ ସଂଯୋଗ ପାଇଁ ଫିଟି ପାରେ ବାଟ, ଅଶ୍ୱିନୀଙ୍କୁ ରେଳ ବିଭାଗ ମିଳିବା ପରେ ଆନନ୍ଦପୁରବାସୀଙ୍କ ବଢୁଛି ଆଶା

କେନ୍ଦୁଝର:(ପି.ଏନ୍.)ଓଡିଶାରୁ ରାଜ୍ୟସଭାକୁ ଯାଇଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ରେଳ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତ । ବହୁବର୍ଷ ଧରି ରେଳବାଇ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିବା ଓଡିଶାରେ ଆଗାମୀ ଦିନରେ ରେଳ ଭିତ୍ତିଭୂମି ସୁଦୃଢ ହେବ ବୋଲି ଆଶା କରାଯାଉଛି । ସେହିପରି ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ରେଳପଥ ସଂପ୍ରସାରଣ, ଆନନ୍ଦପୁର ଉପଖଣ୍ଡ ଓ ପ୍ରସିଦ୍ଧ ଘଟଗାଁ ମା'ତାରିଣୀଙ୍କ ପୀଠକୁ ରେଳ ସଂଯୋଗ ପାଇଁ ବାଟ ଫିଟିବ ବୋଲି ଆଶା ସଂଚାର ହୋଇଛି । କେନ୍ଦୁଝର ଜିଲ୍ଲାରେ ମୋଟ୍ ୧୬୪.୮୨କି.ମି. ରେଳପଥ ରହିଛି । ଜିଲ୍ଲାରେ ଦୀର୍ଘବର୍ଷ ପରେ ଦୈତାରୀ-ବାଂଶପାଣି ରେଳପଥ ଆରମ୍ଭ ହୋଇଥିଲା । ୨୦୦୬ରେ ପ୍ରଥମ ଥର ପାଇଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା । ସମସ୍ତ ରେଳପଥ କେନ୍ଦଝର ଓ ଚମ୍ପୁଆ ଉପଖଣ୍ଡରେ ରହିଥିବା ବେଳେ ଆନନ୍ଦପୁରର ଜନସାଧାରଣ ଏଥିରୁ ବଂଚିତ ହୋଇଛନ୍ତ । ଏପରିକି ଆନନ୍ଦପୁର ଉପଖଣ୍ଡର ଜନସାଧାରଣ ଯାଜପୁର-କେନ୍ଦୁଝର ରୋଡ୍ ଓ ଭଦ୍ରକ ଷ୍ଟେସନ ଉପରେ ନିର୍ଭର କରି ଆସୁଛନ୍ତ । ରେଳପଥ ନଥିବାରୁ ଏହି ଅଂଚଳର ପର୍ଯ୍ୟଟନ ତଥା ଉପଖଣ୍ଡର ବିକାଶ ବାଧାପ୍ରାପ୍ତ ହୋଇଛି । ୨୦୦୫ ମସିହାରେ ଯାଜପୁର-କେନ୍ଦୁଝର ରୋଡରୁ ଭାୟା ଆନନ୍ଦପୁର ଦେଇ ମୟୁରଭଞ୍ଜ ଜିଲ୍ଲା ବାଦାମପାହାଡକୁ ରେଳ ସଂଯୋଗ ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ରେଳ ଲାଇନ୍ ନିର୍ମା ହେଲେ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ୨୦୦କି.ମି.ରାସ୍ତା ହ୍ରାସ ପାଇବ ବୋଲି ଦାବିପତ୍ର ଉଲ୍ଲେଖ କରାଯାଇଥିଲା । ଭଦ୍ରକରୁ ଭାୟା ଆନନ୍ଦପୁର,ଘଟଗାଁ ଦେଇ ସୀତାବିଂ ଷ୍ଟେସନକୁ ରେଳପଥ ସଂଯୋଗ ପାଇଁ ମଧ୍ୟ ଦାବି ହୋଇଥିଲା । ୨୦୧୩-୧୪ମସିହାରେ ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେସନ ଠାରୁ ଆନନ୍ଦପୁର ଦେଇ ମୟୁରଭ ଜିଲ୍ଲା ଯଶିପୁରକୁ ରେଳ ସଂଯୋଗ ପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ନିକଟରୁ ପ୍ରସ୍ତାବ ଆସିଥିଲା । ଏନେଇ ସଂପୃକ୍ତ ଜିଲ୍ଲାପାଳଙ୍କୁ ରିପୋର୍ଟ ମଗା ଯାଇଥିଲା । ପରବର୍ତ୍ତି ସମୟରେ ଏହା ନାଲିଫିତା ତଳେ ରହିଯାଇଛି । କେନ୍ଦୁଝର ଜିଲ୍ଲା ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳ ସଂଯୋଗ କରାଗଲେ ବ୍ୟବସାୟ ସାଙ୍ଗକୁ ଯାତ୍ରୀଙ୍କୁ ସେବା ମିଳିପାରିବ ବୋଲି ପିସିସି ସଭାପତି ନିରନ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ । ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ୧୦ବର୍ଷ ହେଲା ବାରିଗାଁ ମା'ଧନେଇ ସେବାସଂଘ ଓ ଆନନ୍ଦପୁର ବିକାଶ ପରିଷଦ କମିଟିର ମିଳିତ ଆନ୍ଦୋଳନ ଜାରି ରହିଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୩ ଥର ରେଳ ମନ୍ତ୍ରଣାଳୟକୁ ଆନନ୍ଦପୁରର ଦାବି ସମ୍ପର୍କରେ ବିଚାର ପାଇଁ ଅବଗତ କରାଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଏହା ସମ୍ଭବ ହେଉନଥିବା ଅଭିଯୋଗ ହୋଇଛି । ଶ୍ରୀ ବୈଷ୍ଣବ ଓଡିଶାରୁ ରାଜ୍ୟସଭାକୁ ଯାଇ ରେଳ ବିଭାଗ ମନ୍ତ୍ରୀ ହୋଇଛନ୍ତ ଏବଂ ଆଗାମୀ ଦିନରେ ତାଙ୍କୁ ଭେଟି ଦାବି ଉପସ୍ଥାପନ କରାଯିବ ବୋଲି ଆନନ୍ଦପୁର ବିକାଶ ପରିଷଦ ସଭାପତି ପ୍ରାଧ୍ୟାପକ ରମାକାନ୍ତ ନାୟକ, ମା'ଧନେଇ ସେବାସଂଘ ସଭାପତି ବିଷ୍ଣୁ ପ୍ରସାଦ ବାରିକ ପ୍ରକାଶ କରିଛନ୍ତ ।

## ମୁକ୍ତା ସ୍କିମ ସମ୍ପର୍କରେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା : ପୌର ଟାଉନହଲ ପରିସରରେ ମିଶନଶକ୍ତି, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ସହରାଞ୍ଚଳ ପୌରକର୍ମଚାରୀମାନଙ୍କ ପାଇଁ ମୁକ୍ତା ସ୍କିମ ସମ୍ପର୍କରେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପୌର ପ୍ରଶାସକ ତଥା ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜିଲ୍ଲା ମିଶନଶକ୍ତି ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଚିନ୍ମୟୀ ରଥ, କେନ୍ଦ୍ରାପଡା ସିଡିପିଓ କବିତା ନାୟକ, ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ, ପଟ୍ଟାମୁଣ୍ଡାଇ ସିଡିପିଓ ମୁକ୍ତରୀ ବେଗମ ପ୍ରମୁଖ ଯୋଗଦେଇ ମୁକ୍ତା ସ୍କିମର ଲକ୍ଷ୍ୟ, ଉଦେଶ୍ୟ ଓ କାର୍ଯ୍ୟକାରୀତା ସମ୍ପର୍କରେ ଉପସ୍ଥିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର କର୍ମକର୍ତ୍ତା ଓ ସଦସ୍ୟାମାନଙ୍କୁ ଅବଗତ କରାଇଥିଲେ ।

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସାଂସଦଙ୍କୁ ଦାବୀପତ୍ର



ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଳକ ଅନ୍ତର୍ଗତ ଛତିଆ ଗ୍ରାପ ସ୍ଥିତ ଚଟିଘର ଗଳିପୋଲ ଗଣାଧାରଣା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଯାଜପୁର ଜିଲ୍ଲା ସାଂସଦ ଶର୍ମୀଷ୍ଠା ସେଠୀଙ୍କୁ ପତ୍ର ପ୍ରଦାନ କରାଯାଇଛି । ଛତିଆ ଅଂଚଳର ଜନସାଧାରଣଙ୍କ ସମେତ ବଡଚଣା ବ୍ଳକର ଅଧକ୍ଷ ,ସ୍ଥାନୀୟ ସରପଂଚ ,ସ୍ଥାନୀୟ ସମିତିସଭ୍ୟ ଓ ଜନପ୍ରତିନିଧିଙ୍କ ଦସ୍ତଖତ ସମ୍ବଳିତ ସହ ଚଟିଘର ଛକ ଠାରେ ଗଳିପୋଲ ନିର୍ମାଣ ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଦୀର୍ଘ ଦିନରୁ ଆବଶ୍ୟକ ଥିବା ଜାତୀୟ ରାଜପଥ ଏନଏଚ ୧୬ ନିକଟ ଚଟିଘର ଛକ ଗଳିପୋଲ ନିର୍ମୀତ ହେଲେ ବାରମ୍ବାର ଘଟୁଥିବା ଦୁର୍ଘଟଣା ଓ ଜନଜୀବନ ହାନି ରୋକାଯାଇ ପାରନ୍ତା ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସାଂସଦଙ୍କୁ ନିବେଦନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗଳିପୋଲ ଧାରଣା କମିଟିର ଅଧକ୍ଷ ଆବାହକ ବିପିନ କୁମାର ବିଶ୍ୱାଳ,ସଭାପତି ମିହିର ପ୍ରତାପ ଦାସ,ସଂପାଦକ ଗିରିଶ ଚନ୍ଦ୍ର ପାତ୍ର,ଉପସଭାପତି ଅଜୟ ବିଶ୍ୱାଳ,ସହ ସଂପାଦକ ଅମରେଶ ନନ୍ଦ ,କୋଷାଧକ୍ଷ ଉମାକାନ୍ତ ନାୟକ,ବ୍ଳକ ଅଧକ୍ଷ ଭାଗ୍ୟଧର ମଲିକ,ଛତିଆ ସରପଂଚ ନୟନା ବେହେରା,ନେଳିଆ ସରପଂଚ ଓଷି ଦେଉରୀ,ସମିତିସଭ୍ୟା ସଂଯୁକ୍ତା ଦେଉରୀ, ମାଧବ ନନ୍ଦ ମହାପାତ୍ର,ବାସୁଦେବ ସ୍ୱାଇଁ,ଧିରେନ୍ଦ୍ର ନାଥ, ରବିନ୍ଦ୍ର ନାଥ ,ଦିଲ୍ଲୀପ ରାଉତ,ହୃଷିକେଶ ସିଂହ,ଦୀପକ ସାହୁ,ବିଦ୍ୟାଧର ଲେଙ୍କା,କପିଳ ରାଉତ,ସୁଧାଂଶୁ ରାଉତ,ସଂଜୟ ବେହେରା,କୁନି ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ଠିକାଦାର ଭାଙ୍ଗିଲେ ଘର କାନ୍ଥ

କେନ୍ଦୁଝର:(ପି.ଏନ୍.)ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଢେଙ୍କା ପଂଚାୟତ ସଙ୍ଗମ ଗ୍ରାମର ୩ନଂ ୱାର୍ଡରେ ଦୀର୍ଘଦିନ ଧରି ଅଙ୍ଗନୱାଡି ଘର ଖଣ୍ଟିଏ ନଥିବା ବେଳେ କୁନି କୁନି ପିଲାମାନେ ଘର ବାରଣ୍ଡାରେ ପାଠ ପଢି ଆସୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗ୍ରାମବାସୀମାନେ ବାରମ୍ବାର ସରକାରଙ୍କୁ ଅଭିଯୋଗ କଲାପରେ ଚଳିତ ବର୍ଷ ସରକାରଙ୍କ ତରଫରୁ ୧୨ଲକ୍ଷ ୩୪ହଜାର ଟଙ୍କା ମୁର ହୋଇ ଏକ ଅଙ୍ଗନୱାଡି ଗୃହ ଆସଥିବା ବେଳେ ଏଠି କିଛି ଅସାଧୁ ଠିକାଦାର ବାବୁ କାର୍ଯ୍ୟଟିକୁ ନିମ୍ନମାନର କାମ କରୁଥିବା ଜାଣି ସଙ୍ଗମ ଗ୍ରାମର ଗ୍ରାମବାସୀ କାମଟିକୁ ବିରୋଧ କରିବାରୁ ଠିକାଦାର ବାବୁ ପୁନର୍ବାର କାମ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ କାମଟି ଭଙ୍ଗା ହେଉଥିବା ଦେଖିବାକୁ ମିଳିଥିଲା । କେନ୍ଦୁଝର ଜିଲ୍ଲାପାଳଙ୍କ ସମେତ ସିଡିପିଓ ହାଟଡିହି ଏହାର ଉଚ୍ଚସ୍ତରୀୟ ତଦନ୍ତକରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଗମ ଗ୍ରାମବାସୀ ଦାବି କରିଛନ୍ତି ।

## ଆମ ଗାଁ ଆମ ବିକାଶ ଅଧାରେ ଅଟକିଛି, ଅଧିକାରୀ କହୁଛନ୍ତି କ'ଣ ହୋଇଛି ବୁଝିବା

କେନ୍ଦୁଝର:(ପି.ଏନ୍.) ରାଜ୍ୟ ସରକାର 'ଆମ ଗାଁ ଆମ ବିକାଶ' ଯୋଜନା ମାଧ୍ୟମରେ ବିଭିନ୍ନ ବ୍ଲକ ର ଜନସାଧାରଣ ତଥା ମହିଳାମାନଙ୍କ ଉନ୍ନତିକରଣ ନିମନ୍ତେ ମିଶନ ଶକ୍ତି ଗୃହ ଏବଂ କମ୍ୟୁନିଟି ସେଟଂର ( ଗୋଷ୍ଠୀ କେନ୍ଦ୍ର ) ନିର୍ମାଣ କରିବା ପାଇଁ ଅର୍ଥ ବରାଦ କରିଥିଲେ । ବର୍ଷ ବର୍ଷ ବିତି ଯିବା ପରେ ମଧ୍ୟ ମିଶନ ଶକ୍ତି ଗୃହ ଏବଂ କମ୍ୟୁନିଟ୍ ସେଟଂର ଗୁଡିକର ନିର୍ମାଣ କାର୍ଯ୍ୟ ସରିବାର ନା ଧରୁନାହିଁ । ଗୃହ ଗୁଡିକର ନିର୍ମାଣ କାମ ଅଧପନ୍ତରିଆ ହୋଇ ପଡି ରହିଥିବାରୁ ଜନସାଧାରଣ ରେ ଅସନ୍ତୋଷ ଦେଖିବାକୁ ମିଳୁଛି । କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ମୁଖ୍ୟାଳୟର ଝୁମ୍ପୁରା ଗ୍ରାମପଚାଂୟତରେ ଏହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି । ଆମ ଗାଁ ଆମ ବିକାଶ ଯୋଜନା ମାଧ୍ୟମରେ ଝୁମ୍ପୁରା ପଚାଂୟତକୁ ୨୦୧୮-୧୯ ଆର୍ଥିକ ବର୍ଷରେ ଆଠ ଗୋଟି ପ୍ରକଳ୍ପ ନିମନ୍ତେ ଅର୍ଥ ପ୍ରଦାନ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଆଠ ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ ମିଶନ ଶକ୍ତି ଗୃହ ଥିବା ବେଳେ ୭ଟି କମ୍ୟୁନିଟି ସେଟଂର ଅଛି । ଉକ୍ତ ୮ ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ କମ୍ୟୁନିଟି ସେଟଂର ର ସ୍ଥାନ ନିରୂପଣ ହୋଇ ପାରି ନଥିବା ଯୋଗୁଁ କାମ ଆରମ୍ଭ ହୋଇ ନଥିବା ବେଳେ ଗୋଟିଏ ମିଶନ ଶକ୍ତି ଗୃହ ଓ ଆଉ ଦୁଇଟି କମ୍ୟୁନିଟି ସେଟଂର ର ନିର୍ମାଣ କାମ ଅଧପନ୍ତରିଆ ହୋଇ ପଡି ରହିଛି । ୪ଟି କମ୍ୟୁନିଟି ସେଟଂର ନିର୍ମାଣ କାମ ଶେଷ ହୋଇଥିବା ଜଣାପଡିଛି । ପଚାଂୟତ ର ଝୁମ୍ପୁରା ତେଲିସାହି ଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ଏବଂ ଶ୍ରୀରାମପୁର ଗ୍ରାମର ତଳସାହି ଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ସୂଚନା ଫଳକ କହୁଛି । ତେବେ ୪ଲକ୍ଷ ଟଙ୍କା ର ପ୍ରକଳ୍ପ କୁ ୩ ବର୍ଷ ବିତିଯିବା ପରେ ମଧ୍ୟ ନିର୍ମାଣ କାମ ଅଧପନ୍ତରିଆ ହୋଇ ପଡି ରହିଥିବା ଯୋଗୁଁ ସାହି ତଥା ବସ୍ତି ଲୋକମାନଙ୍କ ମଧ୍ୟ ରେ ଅସନ୍ତୋଷ ଦେଖିବାକୁ ମିଳୁଛି । କିନ୍ତୁ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କର ଲାଭଖୋର ମନୋବୃତି ଯୋଗୁଁ ଉକ୍ତ ମିଶନ ଶକ୍ତି ଗୃହ ଏବଂ କମ୍ୟୁନିଟି ସେଟଂର ଗୁଡିକ ଲୋକମାନଙ୍କ କାମରେ ଆସୁ ନାହିଁ । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନନ୍ଦ ଙ୍କ ମତାମତ ନେବା ପାଇଁ ଫୋନ କରାଯାଇଥିଲେ ଶୁଦ୍ଧା ଯନ୍ତ୍ରୀ ଫୋନ ଉଠାଇ ନଥିବା ରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଅନ୍ୟପକ୍ଷରେ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ କହିଲେ କଣ ହୋଇଛି ବୁଝିବା ବୋଲି କହିଥିବା ବେଳେ ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ ମଧ୍ୟ କହିଲେ କଣ ହୋଇଛି ବୁଝିବା ।

## ମହିମା ଧର୍ମର ବରିଷ୍ଠ ଭକ୍ତ ହରିହର ସାହୁଙ୍କ ପରଲୋକ

କେନ୍ଦୁଝର:(ପି.ଏନ୍.)କଥାରେ ଅଛି ଯିଏ ଜୀବନରେ ଲୋକମାନଙ୍କ ପାଇଁ ଭଲ କାମ କରିଥିବା ବ୍ୟକ୍ତିମାନଙ୍କୁ ଭଗାବନ କଷ୍ଟ ନଦେଇ ତାଙ୍କ ପାଖକୁ ନେଇଯାଆନ୍ତ । ଆଜି ସକାଳୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରାମର ମହିମା ଅଲେଖ ଧର୍ମର ବରିଷ୍ଠ ମହିମା ଭକ୍ତ ଏବଂ ବେଲବାହାଳି ଅଂଚଳର ଜଣେ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ହରିହର ସାହୁ(୮୪)ଙ୍କ ସକା ୯ଘଟିକା ୨୫ମିନିଟ୍ ସମୟରେ ପରଲୋକ ହୋଇଯାଇଛି । ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ବହୁ ଦୂରଦୂରାନ୍ତରୁ ଭକ୍ତମାନେ ତାଙ୍କ ବାସଭବନକୁ ଆସି ତାଙ୍କର ଶେଷ ଦର୍ଶନ କରିଥିଲେ । ସେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଭାବେ ଅଂଚଳରେ ପରିଚିତ ଥିଲେ । ଅଲେଖ ମହିମା ଆଶ୍ରମର ବରିଷ୍ଠ ଭକ୍ତ ଭାବେ ବେଶ୍ ଜଣାଶୁଣା ଥିଲେ । ସେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଲେଖ ବାବାଙ୍କ ସେବାରେ ସମୟ ଅତିବାହିତ କରି ଆସୁଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ କୌଶଲ୍ୟା ସାହୁ, ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତି,ନାତୁଣୀଙ୍କ ସହ ମହିମା ଧର୍ମର ସାଧୁସନ୍ଥ ମୋହନ ଦାସ, ଅନାମ ଦାସ ତଥା ଭକ୍ତମାନେ ଉପସ୍ଥିତ ଥିଲେ । ବଡପୁଅ ପ୍ରମୋଦ ସାହୁ ମୁଖାଗ୍ନି ଦେଇଥିଲେ ।

## କେନ୍ଦ୍ରାପଡା ଜିଲାରେ ଆଜି ୭୭କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଶୁକ୍ରବାର ୭୭ ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୬ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶ ବ୍ଲକରେ ୯, ଗରଦପୁର ବ୍ଲକରେ ୪, କେନ୍ଦ୍ରାପଡା ବ୍ଲକରେ ୧୪, ମହାକାଳପଡା ବ୍ଲକରେ ୩, ମାର୍ଶାଘାଇ ବ୍ଲକରେ ୮ ,ପଟ୍ଟାମୁଣ୍ଡାଇ ବ୍ଲକରେ ୧୭, ରାଜକନିକା ବ୍ଲକରେ ୫, ରାଜନଗର ବ୍ଲକରେ ୬ଜଣ, କେନ୍ଦ୍ରାପଡା ପୌରାଞ୍ଚଳର ୩ ଜଣ ଓ ଅନ୍ୟ ଜିଲ୍ଲାର ୨ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

## କାଳିଆ ପ୍ରେମରେ ସୁନିତା, ନିର୍ମାଣ କଲେ କୁନି ରଥ





ରଣପୁର (ପି.ଏନ) ବିଶ୍ୱନିଆନ୍ତା ମହାପ୍ରଭୂ ଜଗନ୍ନାଥଙ୍କର ବର୍ତମାନ ସମୟରେ ଘୋଷଯାତ୍ରା ଚାଲିଥିବା ବେଳେ କୋଭିଡ କଟକଣା ପାଇଁ ବିନା ଭକ୍ତରେ ରଥଯାତ୍ରା ପାଳିତ ହେଉଛି । ଯେଉଁଥିପାଇଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମିଳନ ହୋଇପାରିନି । ଯାହାଫଳରେ ଭକ୍ତମାନେ ଚର୍ମଚକ୍ଷୁରେ ମହାପ୍ରଭୁଙ୍କରଏହି ଅପୂର୍ବ ଲୀଳାକୁ ଦେଖିନପାରି ଭାବ ବିହୋଳିତ ହୋଇ କିଏ ବିଭିନ୍ନ ଉପକରଣରେ ରଥ ତିଆରି କଲାଣିତ ଆଉ କିଏ ସ୍ୱୟଂ ପ୍ରତିମୂର୍ତି । ଏଭଳି ଜଣେ ଭକ୍ତ ହେଉଛନ୍ତି ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବୋକାଖାଇ ଗାଁର ସର୍ବେଶ୍ୱର ନାୟକଙ୍କ କନ୍ୟା ସୁନିତା ନାୟକ । ସୁନିତା ପ୍ରତିବର୍ଷ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁରରେ ମାହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ଦେଖୁଥିଲେ । କିନ୍ତୁ ଗତବର୍ଷ ଓ ଚଳିତ ବର୍ଷ କୋଭିଡ କଟକଣା ପାଇଁ ବିନାଭକ୍ତରେ ରଥଯାତ୍ରା ପାଳିତ ହେଉଥିବାରୁ ଜଗାକୁ ଦର୍ଶନ କରିନପାରି କାଳିଆ ପ୍ରେମରେ ବିମୋହିତ ହୋଇ କାଗଜ, ଆଟା ଓ ସୋଲରେ ନିର୍ମାଣ କରିଛନ୍ତି ରଥ ଏବଂ ଚତୁର୍ଦ୍ଧା ମୂର୍ତୀଙ୍କ ପ୍ରତିମୂର୍ତି । ଅତି ନିଖୁଣ ଭାବରେ ରଙ୍ଗ ତୁଳିର ସ୍ୱର୍ଶରେ ପ୍ରତିମୂର୍ତ୍ତିଙ୍କୁ ଦେଇଛନ୍ତି ଜୀବନ୍ତ । ରଥର ଉଚ୍ଚତା ଏକଫୁଟ ହୋଇଥିବା ବେଳେ ରଥର ପାଶ୍ୱରେ ରହିଛନ୍ତି ବିଭିନ୍ନ ଦେବାଦେବୀ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


## ଟିପିସିଓଡିଏଲ ପକ୍ଷରୁ କେନ୍ଦ୍ରାପଡାରେ ମିଶନ କ୍ଲିନ ଅଭିଯାନ ଆରମ୍ଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଟିପିସିଓଡିଏଲ ଡିଭିଜନରେ ଆଜି ଠାରୁ ମିଶନକ୍ଲିନ ଅଭିଯାନ ଆରମ୍ଭ କରାଯାଇଛି । କେନ୍ଦ୍ରାପଡା ଟିପିସିଓଡିଏଲ ବିଦ୍ୟୁତ ଡିଭିଜନ ପକ୍ଷରୁ ୨୮ଟି ଏନଫୋର୍ସମେଣ୍ଟଟିମ ଗଠନ କରାଯାଇ ଦୀର୍ଘ ୫ଘଣ୍ଟା ଧରି ଡିଭିଜନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମିଟର ଟ୍ୟାମ୍ପରିଂ, ଅନୈତିକ ବିଦ୍ୟୁତ ସଂଯୋଗ ଓ ହୁକ ପକାଇ ବିଦ୍ୟୁତ ବ୍ୟବହାର କରୁଥିବା ଲୋକମାନଙ୍କ ସଂଯୋଗକୁ ଯାଞ୍ଚ କରିଥିଲେ । ଏହି ଯାଞ୍ଚ ସମୟରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ ଅଞ୍ଚଳର ୩୫୩ କିଲୋ ୱାଟ ବେଆଇନ ଲୋଡ ସେକ୍ସନ ୧୩୫ଧାରାରେ ବୁକ କରାଯିବା ସହ ୬୦ କିଲୋ ୱାଟ ବେଆଇନ ଲୋଡ ସେକ୍ସନ ୧୨୬ଧାରାରେ ବୁକ କରାଯିବା ଓ ୯ଟି ବିଦ୍ୟୁତ ସଂଯୋଗ ସୁରକ୍ଷା ଦୃଷ୍ଟିରୁ ବିଚ୍ଛିନ୍ନ କରାଯାଇ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଯୋରିମାନା ଆଦାୟ କରାଯାଇଥିବା କେନ୍ଦ୍ରାପଡା ବିଦ୍ୟୁତ ସବଡିଭଜନର ସହକାରୀ ପରିଚାଳକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି । କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନର ସହକାରୀ ସାଧାରଣ ପରିଚାଳକ ଇଂ ପ୍ରଦୀପ୍ତ କୁମାର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏସଡିଓ ଦେବେନ୍ଦ୍ର ସାହୁ, ବିବେକାନନ୍ଦ ପଣ୍ଡା, ଗଣେଶ ଚନ୍ଦ୍ର ହେମ୍ବ୍ରମ, କୁଳମଣୀ ସେଠୀ, ସିଏସଏମ ମାନସ ରଞ୍ଜନ ଗୁରୁ, ସତ୍ୟ ପ୍ରସାଦ ସାହୁ, ସୀତାଂଶୁ ଶେଖର ମହାପାତ୍ର, ବସନ୍ତ ପାଣି, ଅଭୟ ଦାସ, ପ୍ରଶାନ୍ତ କୁମାର ବେହେରା, ମନମୋହନ ସିଂଙ୍କ ସହିତ ସେକ୍ସନ ଅଧିକାରୀମାନେ ଯୋଗଦେଇଥିଲେ । ଏହି ମିଶନ ମାଧମରେ ସହକାରୀ ସାଧାରଣ ପରିଚାଳକ ଇଂ ପ୍ରଦୀପ୍ତ କୁମାର ଦାଶ ଗ୍ରାହକମାନଙ୍କୁ ସାଧୁତାର ସହିତ ବିଦ୍ୟୁତ ବ୍ୟବହାର କରିବାକୁ ନିବେଦନ କରିଛନ୍ତି


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray